

ଟ୍ରେଡ୍ ଡିଲ୍‌କୁ ନେଇ ବିଶ୍ୱ ଖୁସି

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 314 ଭାଗ ୩୩ | ସଂଖ୍ୟା ୩୧୪ | Friday 6 February 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୬ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ନକ୍ସଲମୁକ୍ତ ହେଲା କୋରାପୁଟ

- ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ସୂଚନା
- ଛତିଶଗଡ଼ରେ ଜଣେ ନକ୍ସଲ ନିହତ



କୋରାପୁଟ,୫।୨(ସଂଚାର ବ୍ୟୁରୋ): ଗତକାଲି ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ମାଲକାନଗିରି ନକ୍ସଲମୁକ୍ତ ହୋଇଥିବା ବେଳେ ଆଜି ଏଥିରେ ଯୋଡ଼ି ହୋଇଛି କୋରାପୁଟ ଜିଲ୍ଲା। ଆଜିଠାରୁ କୋରାପୁଟ ଜିଲ୍ଲା ନକ୍ସଲମୁକ୍ତ ହୋଇଥିବା ନେଇ ଅନୁଷ୍ଠିତ ଏକ ସାମ୍ବାଦିକ ସଚ୍ଚିଳନୀରେ ସୂଚନା ଦେଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଡକ୍ଟର କନୱର ବିଶାଳ ସିଂହ। ଆଜି ଏସିଏମ କ୍ୟାଡର ମାଓବାଦୀ ମମତା ପଡ଼ିଆମି ଆତ୍ମସମର୍ପଣ କରିବା ପରେ ସେ ଏହା ଘୋଷଣଶ କରିଛନ୍ତି। ସେ ରାଇଫଲ ଓ ବିଭିନ୍ନ ଗୋଳାବାରୁଦ ସହ ଆତ୍ମସମର୍ପଣ କରିଛନ୍ତି। ଗତ ୨୦୨୩ରେ ମମତା ଛତିଶଗଡ ବିଜାପୁର ଅଞ୍ଚଳର ବିଭିନ୍ନ ହତ୍ୟା ମାମଲା ସହ ଜଡ଼ିତ ଥିଲେ। ମମତାଙ୍କଠାରୁ ଗୋଟିଏ ରାଇଫଲ ଏବଂ ୧୦ ପ୍ରକାରର ଗୋଳାବାରୁଦ ଜବତ ହୋଇଛି। ସରକାରଙ୍କ ଆତ୍ମସମର୍ପଣ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା ଡିଆଇଜି କହିଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ଗୁଳିରେ ଜଣେ ନକ୍ସଲ ନିହତ ହୋଇଥିବା ବେଳେ ତା' ନିକଟରୁ ଗୋଟିଏ ଏକେ-୪୭ ଦ୍ୱ ପୃଷ୍ଠା-୬

ଡବ୍ଲ୍ୟୁପିଏଲ୍-୨୦୨୬ ଉଦ୍‌ଯାପିତ: ପୁଣି ସୁଯୋଗ ହାତଛଡ଼ା କଲା ଦିଲ୍ଲୀ

ଆର୍‌ସିବି ଜିତିଲା ଦ୍ୱିତୀୟ ଟାଇଟଲ୍



ଭଡୋଦରା,୫।୨(ସଂଚାର ବ୍ୟୁରୋ): ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)-୨୦୨୬ ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି) ଚାମ୍ପିଅନ୍ ହୋଇଛି। ଦଳ ଆଜି ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟ୍‌ରେ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ପୂର୍ବରୁ କୌଣସି ଫାଇନାଲ୍‌ରେ ଏତେ ବଡ଼ ସ୍କୋର୍ କୌଣସି ଦଳ ଚେଜ୍ କରିପାରିନଥିଲେ। ଅନ୍ୟପକ୍ଷରେ ପୁଣିଥରେ ପରାସ୍ତ ହୋଇ ଦିଲ୍ଲୀ କ୍ରମାଗତ ଚତୁର୍ଥ ଥର ପାଇଁ ଟାଇଟଲ୍ ବିଜୟ ସୁଯୋଗ ହାତଛଡ଼ା କରିଛି, ଯାହାକି ଆଉ ଏକ ଅଲୋଡ଼ା ରେକର୍ଡ। ଟସ୍ ଜିତି ପ୍ରଥମେ ଆର୍‌ସିବି ବୋଲିଂ କରିବା ଫଳରେ ଦିଲ୍ଲୀ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଜେମିମା ରଡରିଗ୍ସ ସର୍ବାଧିକ ୫୭ ରନ୍ କରିଥିବା ବେଳେ ଲୌରା ଉଲ୍‌ଭାର୍ଟ ୪୪, ଓପନର ଲିଜେଲ୍ ଲି' ୩୭ ଓ ଶେଫାଲି ବର୍ମା ୨୦ ରନ୍ କରିଥିଲେ। ଦଳ ମୋଟ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା। ଆର୍‌ସିବି ପକ୍ଷରୁ ସୟାଲି ସତ୍‌ଘରେ, ଦ୍ୱ ପୃଷ୍ଠା-୬

ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ୫୭ ନୂଆ କାର୍ଯ୍ୟାଳୟ

ସବୁ ତହସିଲରେ ସବ୍‌ରେଜିଷ୍ଟ୍ରାର୍ ଅଫିସ୍

- ଆମ ସାଥୀ ହ୍ୱାଟ୍ସଆପ୍ ବଟ୍ ବ୍ୟବସ୍ଥାର ଲୋକାର୍ପଣ
- ରେଜିଷ୍ଟ୍ରେସନ୍ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆସିଛି
- ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୧୭ ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଆଜିଠାରୁ ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲା। ଏଥିରେ କଟକ ତହସିଲ୍ ଅଧିନରେ ଏକ ଅତିରିକ୍ତ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିପାଇଁ ଆମେ ସଂକଳ୍ପ ନେଇଥିଲୁ, ସରକାରଙ୍କ ପାଖକୁ ଲୋକେ ଆସିବେ ନାହିଁ, ସରକାର ଯିବେ ଲୋକଙ୍କ ପାଖକୁ। ତେଣୁ, ସମସ୍ତ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଆମେ ଏ କ୍ଷେତ୍ରରେ ଏକ ମାଇଲଖୋନ୍ ହାସଲ କରିଛୁ। ଉଭୟ ତହସିଲ୍ ଓ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରି ପାରିବେ ଏବଂ ରେଜିଷ୍ଟ୍ରେସନ ପରେ ମ୍ୟୁଟେସନ ପଟ୍ଟା ସହଜରେ ହେବା ସହିତ, ରେଜିଷ୍ଟ୍ରେସନ୍ କ୍ଷେତ୍ରରେ ପାରଦର୍ଶୀତା ବଢ଼ିବ ଓ ମଧ୍ୟସ୍ଥିଙ୍କ ହସ୍ତକ୍ଷେପ ଆଉ ରହିବ ନାହିଁ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରିଥିଲେ। ଏଣିକି ଜନସାଧାରଣ ହ୍ୱାଟ୍ସଆପ୍ ନମ୍ବର ୯୪୩୭୨୯୨୦୦୦ ନମ୍ବର ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନଜାତି ପ୍ରମାଣ ପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍ ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାର୍ଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟକୁ ନ ଯାଇ ହ୍ୱାଟ୍ସଆପ୍ ମାଧ୍ୟମରେ ଦରଖାସ୍ତ କରି ହ୍ୱାଟ୍ସଆପ୍ ନମ୍ବରରେ ପାଇପାରିବେ।

ରାଜସ୍ୱ ପ୍ରଶାସନ ସେବା କ୍ଷେତ୍ରରେ ସଂସ୍କାର ଆଣି ଏହାକୁ ସରଳ ଓ ବ୍ୟବସ୍ଥିତ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଭାଗକୁ ଧନ୍ୟବାଦ୍ ଦ୍ୱ ପୃଷ୍ଠା-୬

ବଦଳିବ ବିକୃତ ଇଂରାଜୀ ଉଚ୍ଚାରଣ

ବଦଳିଲା ୭ ଜିଲ୍ଲାର ୨୪ ସ୍ଥାନ ନାମ



୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଆହ୍ୱାନ

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ରାଜ୍ୟର ୧୧ଟି ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ବନାନ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ସେମଧ୍ୟରେ ୭ଟି ଜିଲ୍ଲାର ଇଂରାଜୀ ବନାନ ମଧ୍ୟ ବଦଳିବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। କାହାର କିଛି ଅଭିଯୋଗ କିମ୍ବା ଆପତ୍ତି ଥିଲେ ୧୫ ଦିନ ଭିତରେ ତଥ୍ୟ ସହ ଦେବାକୁ ବିଜ୍ଞପ୍ତିରେ ପ୍ରକାଶ ଉଲ୍ଲେଖ କରାଯାଇଛି।

ଦେବଗଡ଼ ଜିଲ୍ଲାକୁ ଇଂରାଜୀରେ ଦେଓଗଡ଼ ଲେଖାଯାଉଥିବା ବେଳେ ଏବେ ଦେବଗଡ ଲେଖାଯିବାକୁ ପ୍ରସ୍ତାବ ରହିଛି। ଖୋରଧା ଜିଲ୍ଲାକୁ ଇଂରାଜୀରେ ଖୁର୍ଦ୍ଦା ଲେଖାଯାଉଥିବା ବେଳେ ଏଣିକି ଖୋରଧା ଲେଖାଯିବ। ଅନୁଗୋଳ ଜିଲ୍ଲାକୁ ଇଂରାଜରେ ଅନଗୁଳ ଲେଖାଯାଉଥିବା ବେଳେ ଏଣିକି ଅନୁଗୋଳ ଲେଖାଯିବ। ବାଲେଶ୍ୱର ଜିଲ୍ଲାକୁ ଇଂରାଜୀରେ ବାଲାଶୋର ଲେଖାଯାଉଥିବା ବେଳେ ଏଣିକି ବାଲେଶ୍ୱର ଲେଖାଯିବାର ପ୍ରସ୍ତାବ ରହିଛି। ସେହିପରି କେନ୍ଦ୍ରାପଡ଼ାକୁ କେନ୍ଦ୍ରାପରା ଲେଖାଯାଉଥିବା ବେଳେ ଏବେ କେନ୍ଦ୍ରାପଡା ଲେଖାଯିବ। କେନ୍ଦୁଝରକୁ ଇଂରାଜୀରେ କେଉଁଝର ଲେଖାଯାଉଥିବା ବେଳେ ଏଣିକି କେନ୍ଦୁଝର ଲେଖାଯିବ। ନୟାଗଡ଼କୁ ନୟାଗର୍ହ ବଦଳରେ ନୟାଗଡ ଲେଖାଯିବାର ପ୍ରସ୍ତାବ ରହିଛି।

ସେହିପରି ମାଲକାନଗିରି ଜିଲ୍ଲାର ପଡ଼ିଆକୁ ଇଂରାଜୀରେ ପୋଡିଆ ଲେଖାଯାଉଥିବା ବେଳେ ଏଣିକି ପଡିଆ ବୋଲି ଲେଖାଯିବ। ଦେବଗଡ଼ ଜିଲ୍ଲାର ରିଆମାଳକୁ ରିଆମାଲ୍ ବଦଳରେ ରିଆମାଳ ଲେଖାଯିବର ପ୍ରସ୍ତାବ ରହିଛି। ଖୋରଧା ଜିଲ୍ଲାର ବୋଲଗଡ଼, ବାଣପୁର ଓ ଜଟଣୀର ଇଂରାଜୀ ବନାବନ ବଦଳିବ। ବୋଲଗରହ ବଦଳରେ ବୋଲଗଡ଼, ବାନପୁର ବଦଳରେ ବାଣପୁର ଓ ଜଟନୀ ବଦଳରେ ଦ୍ୱ ପୃଷ୍ଠା-୬

ରିଙ୍ଗମାଷ୍ଟର ହେବେ କି ଅରୁଣ ?



ବିଜେଡିର ଦୁଇ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଓ କଳିକେଶ ନାରାୟଣ ସିଂହଦେଓଙ୍କ ଭେଟଘାଟ ଏବେ ଚର୍ଚ୍ଚାରେ। କଳିକେଶ ଯଦିଓ ବିଜେଡିର ଉତ୍ତରାଧିକାରୀ ଦୌଡ଼ ଚର୍ଚ୍ଚାରେ ଯବନିକା ପକାଇଛନ୍ତି, କିନ୍ତୁ ଅରୁଣଙ୍କ ସହ ଏବେ ତାଙ୍କ ସାକ୍ଷାତାଲୋଚନା ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡିର ଅନ୍ୟତମ ଚାଣକ୍ୟ ଅରୁଣ କଳିକେଶଙ୍କୁ ଭେଟି ଆଲୋଚନା କରିବା ଘଟଣାକୁ ବିଜେଡି ନେତାଏ ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ କିଛିଦିନ ପୂର୍ବରୁ ପଶ୍ଚିମ ଓଡ଼ିଶାର ଅନ୍ୟତମ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କଳିକେଶଙ୍କୁ ବିଜେଡି ଦାୟିତ୍ୱ ଦେବା ପାଇଁ ଦାବି କରିଥିଲେ। ଏହାକୁ ନେଇ ବିଜେଡି ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିବା ବେଳେ ଖୋଦ କଳିକେଶ ନବୀନଙ୍କୁ ଭେଟି ମାମଲାକୁ ଥଣ୍ଡା କରିଥିଲେ। ଏହାପରେ ପଶ୍ଚିମ ଓଡ଼ିଶାର ଆଉ ଜଣେ ଯୁବନେତା ଦେବେଶ ଆଚାର୍ଯ୍ୟ କଳିକେଶଙ୍କ ସପକ୍ଷରେ ମତ ରଖିଥିଲେ। ଏବେ ଅରୁଣ କଳିକେଶଙ୍କୁ ଭେଟିବା ପରେ ପୁଣିଥରେ ହଲଚଲ ଆରମ୍ଭ ହୋଇଛି। ଏହି ଭେଟ୍‌ଘାଟ ଦଳରେ ନେତୃତ୍ୱ ପରିବର୍ତ୍ତନକୁ ନେଇ ନା ଯୁବ ବିଧାୟକଙ୍କମାନଙ୍କୁ ଏକାଠି କରିବାକୁ ନେଇ ହୋଇଛି, ସେନେଇ ଚର୍ଚ୍ଚା ଚାଲିଛି। ଆହୁରି ବି ଚର୍ଚ୍ଚା ହେଉଛି ଯେ ଯଦି କଳିକେଶଙ୍କୁ ଦଳ ପଶ୍ଚିମ ଓଡ଼ିଶା ଦାୟିତ୍ୱ ଦିଆଯାଏ, ତେବେ ଅରୁଣ ତାଙ୍କର ରିଙ୍ଗମାଷ୍ଟର୍ ହୋଇପାରନ୍ତି।

ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

ମୁଖ୍ୟ ଶାସନ ସଚିବଙ୍କ ନୂଆ ଟିମ୍

- ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱ
- ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ଦାୟିତ୍ୱରେ ଉନ୍ନୟନ କମିଶନର
- ବିଷ୍ଣୁପଦଙ୍କୁ ଓଏଫଡିସି ଓ କେବିକେ ପ୍ରଶାସକ ଦାୟିତ୍ୱ
- ବଳବନ୍ତ ସିଂଙ୍କୁ ରାଜ୍ୟ ରାଜପଥ ପ୍ରାଧିକରଣର ଏମଡି ଦାୟିତ୍ୱ
- ମାନସୀ ମିଶନ ଶକ୍ତି ସଚିବ, ରାଜେଶଙ୍କୁ ଏସ୍‌ଆର୍‌ସି ଦାୟିତ୍ୱ



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ ଦେବା ସହ ଅତିରିକ୍ତ ମୁଖ୍ୟ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କଠାରୁ ଇସ୍ପାତ ଓ ଖଣି ବିଭାଗ କାଢ଼ି ନିଆଯାଇଛି। ସେହିପରି ଲାଞ୍ଚ କାରବାର ମାମଲାରେ ସିବିଆଇ ତଦନ୍ତର ସମ୍ମୁଖୀନ ହୋଇଥିବା ୧୯୯୫ ବ୍ୟାଚ୍ ଆଇଏଏସ ବିଷ୍ଣୁପଦ ସେଠୀ ପ୍ରାୟ ବର୍ଷେ ପରେ ନୂଆ ଦାୟିତ୍ୱକୁ ଫେରିଛନ୍ତି। ୨୦୦୨ ବ୍ୟାଚ ଆଇଏଏସ ମୃଣାଳିନୀ ଦର୍ଶୱାଲ ଦୀର୍ଘବର୍ଷ ପରେ ଭୁବନେଶ୍ୱର ଫେରିଥିବା ବେଳେ ତାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଭାବେ ନିଯୁକ୍ତି ମିଳିଛି। କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ୧୯୯୬ ବ୍ୟାଚ୍ ଆଇଏଏସ ଡ. ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ। ଦୀର୍ଘ ଦେଢ଼ ବର୍ଷ ପରେ ମଧ୍ୟ ପଶ୍ଚିମାଞ୍ଚଳ ଦ୍ୱ ପୃଷ୍ଠା-୬

ବଢ଼ିବ ଓଡ଼ିଶାର ନୀଳ ଅର୍ଥନୀତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଭାରତ ଉପରୁ ଆମେରିକା ଟାରିଫ କମାଇବା ପରେ ଓଡ଼ିଶାକୁ ମିଳିବ ଫାଇଦା। ଏନେଇ ସୋସିଆଲ୍ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଓଡ଼ିଶା ପାଇଁ ନୂତନ ସୁଯୋଗ ଆଣି ଦେଇଛି। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଅର୍ଥନୀତି ସମୃଦ୍ଧ ହେବ। ଶୁଳ୍କ ହ୍ରାସ ଯୋଗୁଁ ଏବେ ଆମେରିକା ବଜାରରେ ବଢ଼ିବ ଓଡ଼ିଶାର ସାମୁଦ୍ରିକ ଖାଦ୍ୟର ଚାହିଦା। ଉପକୂଳ ଅଞ୍ଚଳ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ଆସିବ।' ଭାରତ ଓ ଆମେରିକା ଦ୍ୱ ପୃଷ୍ଠା-୬

ମୋକିମ୍‌ଙ୍କ କଂଗ୍ରେସ ମୂଳପୋଛ ଅଭିଯାନ



- ନୂଆ ଦଳରେ ରହିବ କଂଗ୍ରେସ
- ଭିତିରିଆ ସମର୍ଥନ ଦେଉଛନ୍ତି ବରିଷ୍ଠ

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଓଡ଼ିଶାରେ କଂଗ୍ରେସକୁ ମୂଳପୋଛ କରିବା ପାଇଁ କିଛି ଦିନ ତଳେ ଦଳରୁ ବିଦା ହୋଇଥିବା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ତାଙ୍କର ଏହି ଅଭିଯାନକୁ ଜୋରଦାର କରିଛନ୍ତି। ନୂଆ ଦଳ ଗଠନର ଅବ୍ୟବହିତ ପୂର୍ବରୁ ଯୁବ ଓ ମହିଳା ସମାବେଶ ପରେ ଆଜି କୃଷକ ସମାବେଶ କରି ଏଭଳି କିଛି ଘୋଷଣା କରିଛନ୍ତି ମୋକିମ୍। ତେବେ ସବୁଠାରୁ ବଡ଼କଥା ହେଉଛି, ଯେଉଁ ନୂଆ ଦଳ ଅସ୍ତ୍ରରେ କଂଗ୍ରେସ ନିସ୍ତିହ୍ନ ପାଇଁ ମୋକିମ ଅଣ୍ଟା ଭିଡ଼ିଛନ୍ତି, ସେହି ଦଳର ନାଁରେ କଂଗ୍ରେସ ଯୋଡ଼ିବାକୁ ଉଦ୍ୟମ ଚଳାଇଛନ୍ତି।

ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ଜୋରଦାର ସମାଲୋଚନା ପରେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ମୋକିମ ନୂଆ ଦଳ ଗଠନ ପାଇଁ ଦ୍ୱ ପୃଷ୍ଠା-୬

SIKSHA 'O' ANUSANDHAN
(DEEMED TO BE UNIVERSITY)

SIKSHA 'O' ANUSANDHAN
SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ବିଜେପି ଖେଳିବ ମାଷ୍ଟର ଷ୍ଟ୍ରୋକ୍

ଓଡ଼ିଶାରୁ ରାଜ୍ୟସଭା ଯିବେ ନିତିନ୍

ଜଣେ ଆଦିବାସୀ ମହିଳାଙ୍କୁ ପଠାଇବା ଯୋଜନା | ଦିଲ୍ଲୀପ ରାୟ ହେବେ ମିଳିତ ଚତୁର୍ଥ ପ୍ରାର୍ଥୀ





ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଆସନ୍ତା ରାଜ୍ୟସଭା ନିର୍ବାଚନରେ ବିଜେପି ଖେଳିବ ମାଷ୍ଟର ଷ୍ଟୋକ। ସବୁ କଳ୍ପନାଜଳ୍ପନାର ଘଟିବ ଅନ୍ତ। ସବୁ ରାଜନୈତିକ ପଣ୍ଡିତଙ୍କ ସବୁ ଅଙ୍କ ଭୁଲ ହୋଇଯିବାର ସମ୍ଭାବନା ରହିଛି। କାରଣ ରାଜ୍ୟସଭାରେ ବିଜେପିର ଦୁଇଟି ପକ୍କା ଆସନରୁ ଦୁଇ ଜଣ ବଡ଼ ହସ୍ତୀ ରାଜ୍ୟସଭା ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ରାଷ୍ଟ୍ରୀୟ ବିଜେପିରେ ଆପାତତଃ ନିଷ୍ପତ୍ତି ନିଆଯାଇଛି। ଆଉ ଏଥିରେ ରାଜ୍ୟ ନେତୃତ୍ୱର ମଧ୍ୟ ସ୍ୱୀକୃତି ଥିବା ଜଣାପଡ଼ିଛି।

ରାଜ୍ୟ ବିଜେପିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କୁ ଓଡ଼ିଶା କୋଟାରୁ ରାଜ୍ୟସଭାକୁ ପଠାଇବାକୁ ଯୋଜନା କରାଯାଉଛି। ସେ ଏବେ ବିହାରର ବାଙ୍କିପୁର ଆସନରୁ ବିଧାୟକ ଭାବେ ନିର୍ବାଚନ ହୋଇଛନ୍ତି। କିନ୍ତୁ ଦଳର ରାଷ୍ଟ୍ରୀୟ ଅଧକ୍ଷ ଦାୟିତ୍ୱ ନେବା ପରେ ତାଙ୍କୁ ଅଧିକାଂଶ ସମୟ ଦିଲ୍ଲୀରେ ରହିବାକୁ ପଡୁଛି। ତେଣୁ ତାଙ୍କୁ ଜାତୀୟ ରାଜନୀତିରେ ସାମିଲ କରିବାକୁ ଦଳ ଚିନ୍ତା କରୁଛି। ମିଳୁଥିବା ସୂଚନାନୁଯାୟୀ, ରାଜ୍ୟସଭାରେ ବିଜେପିର ଦୁଇଟି ଆସନ ସଂଖ୍ୟା ଗଣିତରେ ପକ୍କା ହେଉଛି। ଏହି ଦୁଇଟି ଆସନ ମଧ୍ୟରୁ ଗୋଟିକରେ ନିତିନଙ୍କୁ ଦଳ ପ୍ରାର୍ଥୀ କରିବ। ସେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ବିଧାୟକ ପଦରୁ ଇସ୍ତଫା ଦେବେ ଓ ସେଠି ଦଳ ତାଙ୍କ ନେତୃତ୍ୱରେ ଉପନିର୍ବାଚନର ସମ୍ମୁଖୀନ ହେବ।

ସେହିଭଳି ବର୍ତ୍ତମାନ ଦେଶର ଏକ ବଡ଼ ସାମ୍ବିଧାନିକ ପଦରେ ଥିବା ଜଣେ ପ୍ରତିଷ୍ଠିତ ଆଦିବାସୀ ବିଜେପି ନେତ୍ରୀଙ୍କ ପରିବାରରୁ ଜଣଙ୍କୁ ରାଜ୍ୟସଭାକୁ ପଠାଯିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ରାଜ୍ୟ ବିଜେପି ନିଜର ଆଦିବାସୀ ସଶକ୍ତିକରଣ ନୀତିକୁ ପ୍ରମାଣିତ କରିବ। ଆଉ ଚତୁର୍ଥ ଆ

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମାହାଙ୍ଗା ବିଧାୟକ



ନିଷ୍କିନ୍ତକୋଇଲି,୫।୨(ସଂଚାର ବ୍ୟୁରୋ): ରାଜ୍ୟରାଜପଥ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଚାରୋଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗୁରୁବାର ପୂର୍ବାହ୍ନରେ ଶୁଭଶିଳାନ୍ୟାସ କରିଛନ୍ତି। ପ୍ରଥମେ କର୍ମୀମାନଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ବିଧାୟକ ଶ୍ରୀ ପ୍ରଧାନ ଆସି କୁଳିଆ ବଜାର ନିକଟରେ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୬ ନମ୍ବର କେନାଲର ଉନ୍ନତିକରଣ ଓ କଂକ୍ରିଟ ଲାଇନିଂ କାର୍ଯ୍ୟ ଏବଂ କୁଳିଆ-କୋଲଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ମରାମତି କାର୍ଯ୍ୟ କରାଯିବା ପାଇଁ ଶୁଭଶିଳାନ୍ୟାସ କରିଥିଲେ। ଏହାପରେ ନିଷ୍କିନ୍ତକୋଇଲି ତହସିଲଛକ ରିସୋଠାରେ ପିଡବ୍ଲୁଡି ରାସ୍ତାଠାରୁ ନଟରା ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାକୁ ମରାମତି କାର୍ଯ୍ୟ ପାଇଁ ଶୁଭଶିଳାନ୍ୟାସ ମଧ୍ୟ କରିଥିଲେ। କେନ୍ଦ୍ରାପଡ଼ା କେନାଲର ୮(ଖ) ଶାଖା କେନାଲର ଉନ୍ନତିକରଣ ଓ କଂକ୍ରିଟ ଲାଇନିଂ କାର୍ଯ୍ୟ ପାଇଁ ଶୁଭଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର, ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତିସଭ୍ୟା ସବିତା ସାମଲ, ସରପଞ୍ଚ ତିଲୋତ୍ତମା ରାଉତ, ସମିତିସଭ୍ୟ ଅଶୋକ ଓଝାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ପ୍ରହ୍ଲାଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ନିଷ୍କିନ୍ତକୋଇଲି,୫।୨(ସଂଚାର ବ୍ୟୁରୋ): ନିଷ୍କିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ଗୁରୁବାର ଅପରାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ଅଧକ୍ଷତାରେ ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କ୍ରୀଡାକ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଧାନ ଦେଇ ଜଣେ ଜଣେ ଭଲ କ୍ରୀଡାବିତ୍ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କଲେଜ ପ୍ରଶାସନିକ ଅଧିକାରୀ ତଥା ଉପଦେଷ୍ଟା ଅଧାପକ ଡ. ପଦ୍ମଲୋଚନ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସହ ଉପଦେଷ୍ଟା ଅଧାପକ ଡ. ଅଲେଖ ଚନ୍ଦ୍ର ସାମଲ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଲେଜ ପ୍ରତିଷ୍ଠା ପାଇଁ ଜମିଦାନ କରିଥିବା ସମାଜସେବୀ ପିତାମ୍ବର ସାହୁଙ୍କ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବନ୍ଦେ ମାତରମ୍‌ର ସଙ୍ଗୀତର ୧୫୦ତମ ପୂର୍ତ୍ତି ଅବସରରେ ଦେଶାତ୍ମକବୋଧ ସଙ୍ଗୀତ ଗାନ କରାଯାଇଥିଲା। କଲେଜର ବିଭିନ୍ନ ବିଭାଗରେ କୃତୀତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀ ଏବଂ କ୍ରୀଡାପ୍ରତିଯୋଗୀତାରେ କୃତୀପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ର ଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

● ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଇଁଠାପତ୍ର ଉଠାଇବା ଘଟଣା

ଏସ୍‌ଏମ୍‌ସି ଅଧକ୍ଷଙ୍କୁ ଧମକ, ଏସପିଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୫।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପାୟତର ସାହସପୁର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଇଁଠା ପତ୍ର ଉଠାଯିବା ଘଟଣା, ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଓ ବିଦ୍ୟାଳୟ ପରିସର ଅପରିଚ୍ଛନ୍ନତାକୁ ନେଇ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ କୁମାର ସେଠୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ କଂସାର ଗ୍ରାମର ଅନ୍ୟ ୩ଜଣ ଶ୍ରୀ ସେଠୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି । ବିଦ୍ୟାଳୟ ନିକଟରେ ପଡିଥିବା ସଂକୁଡିପତ୍ର, ଅଳିଆ, ଆବର୍ଜ୍ଜନା ଓ ବର୍ଜ୍ୟବସ୍ତୁ ଗୁଡିକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଲଗାଇ ସଫାକରିବା ଘଟଣାକୁ ନେଇ ଛାତ୍ରାଭିଭାବକମାନେ ଏସ୍‌ଏମ୍‌ସି ସଭାପତିଙ୍କୁ ଗାଳିଗୁଲଜ କରିଥିଲେ । ତେଣୁ ଏସ୍‌ଏମ୍‌ସି ସଭାପତି ଶ୍ରୀ ସେଠୀ ଏସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରେ ତାଙ୍କୁ ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରାଯିବା ସହ ଧମକଚମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ଏଥିସହିତ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯିବା ସହ ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନକୁ ବାଟମାରଣା କରାଯାଉଥିବା ନେଇ ସଭାପତି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି । ଏହା ଉପଡରେ ତୁରନ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବାକୁ ଶ୍ରୀ ସେଠୀ ଏସପିଙ୍କ ନିକଟରେ ଦାବି କରିଛନ୍ତି । ଏହି ଅଭିଯୋଗର ନକଲ କେନ୍ଦ୍ରାପଡା ସଦର ଥାନାରେ ଦିଆଯାଇଥିବା ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ସାଲେପୁର,୫।୨ (ସଂଚାର ବ୍ୟୁରୋ): ସାଲେପୁର ଅଟଳସେନା ଓଡିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧ ଦିବସ ସାଲେପୁର ଶାରଳା ମଣ୍ଡପ ପରିସରରେ ଅଟଳସେନାର ଉପଦେଷ୍ଟା ପ୍ରପେସର ଦୀନବନ୍ଧୁ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ "ମଧୁବାବୁ"ଏକ ଉଚ୍ଚାଙ୍କ ବ୍ୟକ୍ତିତ ଶିକ୍ଷକ ଆଲୋଚନା ଚକ୍ରକୁ ଶିକ୍ଷାବିତ ଡ଼ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରଦୀପ ପ୍ରଜ୍ଜଳନ ପୂବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଟଳସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ ଉମେଶ ଚନ୍ଦ୍ର ପତି ଯୋଗ ଦେଇ ମଧୁବାବୁଙ୍କ ଭଳି ତ୍ୟାଗ ଓ ସ୍ୱାଭିମାନକୁ ପ୍ରାଥେୟ କରି ନିଜକୁ ଗଢି ତୋଳିବାକୁ ଅଟଳ ସୈନିକ ମାନଙ୍କୁ ଆହ୍ୱାନ ଦେଇଥିଲେ।

ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ

କେନ୍ଦ୍ରାପଡ଼ା,୫।୨(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ହାଟବାଣପୁର ଠାରୁ ଚକ୍ରୋଡା ଲକ୍ ପର୍ଯ୍ୟନ୍ତ ନିର୍ମିତ ହେଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ହୋଇଛି । ଦାନପୁର ଠାରୁ କେନ୍ଦ୍ରାପଡ଼ା ଲକ୍ ପର୍ଯ୍ୟନ୍ତ ୧୩ କିଲୋମିଟର ରାସ୍ତା ଦୀର୍ଘ ବର୍ଷ

କାର୍ଯ୍ୟର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଦାବି



ହେବ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ପରେ ହାଟବାଣପୁର ଠାରୁ ଚକ୍ରୋଡା ଲକ୍ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବା ସହ ରାସ୍ତାରେ ବଡ଼ ବଡ଼ ଖାଲ ଖମା ହେବାରୁ ବାରମ୍ବାର ଦୁର୍ଘଟଣାରେ ଜନ ଜୀବନ ଅସ୍ତବ୍ୟସ୍ତ ହେବାରୁ ବାରମ୍ବାର ଗଣମାଧମରେ ଖବର ପ୍ରକାଶିତ ହେବା ପରେ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ବିଭାଗ ସଜାଗ ହୋଇଥିଲା ଏବଂ ଏହି ୧୭୦୦ ମିଟର ରାସ୍ତା ଅତି ଯତ୍ନରେ ସହ ନିର୍ମାଣ କରିବାକୁ ବିଭାଗ ଅଣ୍ଟା ଭିଡିଥିଲା । କିନ୍ତୁ ରାସ୍ତା କାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିଭାଗ ଜନସ୍ୱାର୍ଥ, ସମାଜର ବିକାଶକୁ ଭୁଲି ଠିକାଦାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ପକେଟ୍ ଗରମ୍ ସହ ନିଜର ବିକାଶ କରିବା ପାଇଁ ଲାଗି ପଡ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ରାସ୍ତାରେ ହୋଇଥିବା ବିରାଟ ଖାଲକୁ ପ୍ରପର୍ ଗ୍ରାଉଟିଂ କରାନଯାଇ "ର" "ଠ"ରେ କରାଯାଇଛି ବୋଲି ସ୍ଥାନୀୟ ଲୋକେ ଠିକାଦାର, ବିଭାଗୀୟ ଯନ୍ତ୍ରୀଙ୍କ ସମେତ ଉପଖଣ୍ଡିୟ ଅଧିକାରୀଙ୍କୁ ଘେରି ପ୍ରଶ୍ନ କରିବାରୁ କିଛି ସ୍ଥାନରେ ପୁନର୍ବାର ସେ ଗାଡ ଗୁଡ଼ିକୁ ଗ୍ରାଉଟିଂ କରାଯିବା ଦେଖିବାକୁ ମିଳିଥିଲା।

କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏହିପରି ଅନେକ ବଡ଼ ବଡ଼ ଗାଡ ଗୁଡ଼ିକୁ ପୂର୍ବ ଦୁଇ ଦିନ ମଧରେ ଠିକାଦାର ଜୋର୍ ଜବରଦସ୍ତି ବିନା ଗ୍ରାଉଟିଂରେ ପିଚୁ କାର୍ଯ୍ୟ ସରାଇଦେଇଛି ଯାହା ଅଳ୍ପ ଦିନ ମଧରେ ପୁଣି ବଡ଼ ବଡ଼ ଗାଢ଼ରେ ପରିଣତ ହୋଇ ଯାତାୟାତ ଲୋକଙ୍କ ଦୁର୍ଘଟଣାର କାରଣ ସାଜିବ। ବିନା ଏଷ୍ଟିମେଟ୍ କପି କିମ୍ବା ସୂଚନା ଫଳକରେ କିପରି ଏଠାରେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲକ୍ଷ୍ ଲକ୍ଷ୍ ଟଙ୍କା ଆତ୍ମସାତ କରିଛନ୍ତି ,ଏହାର ଭିଜିଲାନ୍ସ ତଦନ୍ତ ସହ ଏକ ସ୍ୱତନ୍ତ୍ର ଯାଞ୍ଚ ଦଳ ଏହି କାର୍ଯ୍ୟର ମାନ ଯାଞ୍ଚ କରନ୍ତୁ ବୋଲି କେନ୍ଦ୍ରାପଡାର କିଛି ଆଇନଜୀବୀ ଏବଂ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରୁଛନ୍ତି । ଯଦି ଏହି କାର୍ଯ୍ୟର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ନ କରାଯାଏ ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନର ପନ୍ଥା ଆପଣେଇବାକୁ ଚେତାବନୀ ଦେଇଛନ୍ତି ।

ସ୍କୁଟି ଉପରେ ଚଢ଼ିଗଲା କାର, ନାବାଳକ ସମେତ ୨ ଗୁରୁତର

କେନ୍ଦ୍ରାପଡ଼ା,୫।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ପୁରୁଣା କଚେରୀ ନିକଟସ୍ଥ ବାଇପାସ ରୋଡରେ ଥିବା ଶୌଚାଳୟ ସମ୍ମୁଖ ରାସ୍ତାରେ ଏକ ସ୍କୁଟି ଉପରେ ଅନ୍ୟ ଏକ କାର ହଠାତ ଚଢିଯିବାରୁ ଜଣେ ୩ବର୍ଷର ନାବାଳକଙ୍କ ସମେତ ତାଙ୍କ ମା' ଓ ବାପା ଗୁରୁତର ହୋଇଛନ୍ତି। ନାବାଳକ ଓ ତାଙ୍କ ପିତାମାତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ଯେ ଆମବାଡି ବସ୍ତିର ଜରତାବ ଖାନଙ୍କ ପୁଅ ଅଦନାନ ରଜା ଖାନ(୩) ନାମକ ନାବାଳକଟି ତାଙ୍କ ବାପା ଓ ମା'ଙ୍କ ସହ ଡାକ୍ତରଙ୍କୁ ଦେଖାଇ ସ୍କୁଟିରେ ବସି ଘରକୁ ସନ୍ଧ୍ୟା ୭ଟା ବେଳେ ଫେରୁଥିଲେ । ହଠାତ ଏକ କାର କଚେରୀ ପାଶ୍ୱର୍ରୁ ଦ୍ରୁତ ଗତିରେ ବାଇପାସ ରୋଡରେ ପ୍ରବେଶ କରି ସ୍କୁଟିକୁ ଘୋଷାରୀ ନେଇଥିଲା । ଫଳରେ ସମସ୍ତେ ସ୍କୁଟିରୁ ଛିଟିକି ପଡି ଗୁରୁତର ହୋଇଥିଲେ ।

ଚାଷୀଙ୍କ ଠାରୁ ଧାନ ନେଉଥିବା ମିଲ ଉପରେ ଚଢ଼ାଉ



କେନ୍ଦ୍ରାପଡା,୫।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିକଟରେ କେତେକ ମିଲ ମାଲିକ ଚାଷୀ ମାନଙ୍କ ଠାରୁ ଧାନ ନେଉଥିବା ଅଭିଯୋଗ ହେବାପରେ ତାଙ୍କ ନିର୍ଦ୍ଦେଶରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଇନ୍ଦୁପୁର ନୋଳସାହି ଠାରେ ଥିବା ଏଗ୍ରି ଇଣ୍ଡିଆ ରାଇସ ମିଲ ଉପରେ ଚଢାଉ କରିଥିବା ଜଣାପଡିଛି । ଉପ ଜିଲ୍ଲାପାଳ ଶ୍ରୀ ନାୟକ ମିଲରେ ପହଁଚିବା ପରେ ମିଲରେ ବ୍ୟାପକ ପରିମାଣ ରେ ଧାନ ଥିବା ଏବଂ କେତେକ ଚାଷୀ ଏହି ମିଲରେ ଧାନ ଦେଉଥିବା ଦେଖିବାକୁ ପାଇଥିଲେ । ତେବେ ଚାଷୀ ମାନଙ୍କୁ କୌଣସି ଅସୁବିଧାରେ ନ ପକାଇ ସେମାନଙ୍କ ଠାରୁ ଧାନ ନ ନେବା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ନାୟକ ମିଲ ମାଲିକଙ୍କୁ ତାଗିଦା କରିଥିବା ଜଣାପଡିଛି । ଜିଲ୍ଲାର ସମସ୍ତ ଚାଷୀ ପଞ୍ଜିକରଣ କରିଥିବା ପ୍ୟାକ୍ସ ଗୁଡିକରେ ଧାନ ଦେବା ସହିତ ସରକାରୀ ରେଟ ରେ ଟଙ୍କା ନେବାକୁ ଚାଷୀଙ୍କୁ ଅନୁରୋଧ କରିଛନ୍ତି ।

ଅଙ୍ଗନବାଡ଼ି ମରାମତି ନାଁରେ 'ବାତ୍ୟା ଦାନା' ଅର୍ଥ ଲୁଟ

ରାଜନଗର,୫।୨(ସଂଚାର ବ୍ୟୁରୋ): ବାତ୍ୟା ଦାନାରେ ବିଲଡିଙ୍ଗ କ୍ଷିଗ୍ରସ୍ତ ହୋଇଥିବା ଦର୍ଶାଇ ଅର୍ଥ ଆସିଲା। ମାତ୍ର ବିଲଡିଙ୍ଗ ପୂର୍ବରୁ ଯେପରି ଥିବା ଏବେବି ସେମିତି ଭଗ୍ନ ଅବସ୍ଥାରେ ଅଛି। କେବଳ ଫାଟ ଉପରେ ରଙ୍ଗ ମାରି ସରକାରୀ ଟଙ୍କା ଲୁଟି ନିଆଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କାର୍ଯ୍ୟାଦେଶ ନାଁରେ ଯନ୍ତ୍ରୀ କେବଳ ରଙ୍ଗ ମାରି ମରାମତି ବାବଦ ସମସ୍ତ ସରକାରୀ ଟଙ୍କା ଲୁଟିନେଇଥିବା ନେଇ ଅଭିଯୋଗ ହୋଇଛି।

ରାଜନଗର ବ୍ଲକ ବାଘମାରି ପଞ୍ଚାୟତ ଉଦ୍ୟାନ ଅଙ୍ଗନବାଡି କେନ୍ଦ୍ର ବାତ୍ୟା ଦାନାରେ କ୍ଷୟତିଗ୍ରସ୍ତ ହୋଇଥିବା ନେଇ ସରକାରୀ ଭାବେ ଦର୍ଶାଯାଇଥିଲା। ବାସ୍ତବରେ ବାତ୍ୟାରେ ସେମିତି କିଛି କ୍ଷତି ହୋଇନଥିଲା। ଉଦ୍ୟାନ ଅଙ୍ଗନବାଡି ଗୃହର ମରାମତି ଓ ଉନ୍ନତିକରଣ ପାଇଁ ୨ ଲକ୍ଷ ଟଙ୍କା ଦାନା (୨୦୨୪-୨୦୨୫) ଯୋଜନାରେ



କେବଳ ରଙ୍ଗମାରି ନେଇଗଲେ ୨ ଲକ୍ଷ

ଅର୍ଥ ଆସିଥିଲା। ଅଙ୍ଗନବାଡି ଗୃହର ମରାମତି ସହିତ ଉନ୍ନତିକରଣ କାମ ହୋଇଥାନ୍ତା। ମାତ୍ର କେବଳ ରଙ୍ଗ ଘଷିଦେଇ ୧ ଡିସେମ୍ବର ୨୦୨୫ରେ ୧ ଲକ୍ଷ ୯୧ ହଜାର ୮୭୭ ଟଙ୍କା କନିଷ୍ଠ ଯନ୍ତ୍ରୀ ଅଞ୍ଜନ କୁମାର ସ୍ୱାଇଁ ଉଠାଇ ନେଇଛନ୍ତି। ପୂର୍ବରୁ ଅଙ୍ଗନବାଡି ଗୃହରେ ଯେପରି ଫାଟ ଥିଲା ସେପରି ଫାଟ ରହିଛି। ଆଦୌ ସିମେଣ୍ଟ କାମ ନକରି କେବଳ ରଙ୍ଗ ଘଷି ସରକାରୀ ଟଙ୍କା ଉଠାଇ ନେବା ଘଟଣା ଅଞ୍ଚଳରେ ପତିକ୍ରିୟା ସୃଷ୍ଟି କରିଛି। ଏପରିକି ଅଙ୍ଗନବାଡି ଗୃହର ଝରକା କବାଟରେ ମଧ ରଙ୍ଗ ଦିଆଯାଇ ନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ମୋ ପୂର୍ବରୁ ଥିବା ଜେଇ ଅନ୍ୟ ଜିଲ୍ଲାକୁ ବଦଳି ହେବା ପୂର୍ବରୁ ବିଲ ଉଠାଇ ନେଇଛନ୍ତି କାମ ସମ୍ପର୍କରେ ମୁଁ କିଛି ଜାଣିନହିଁ। ଲୋକେ ମୋତେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ ପାଳିତ

କେନ୍ଦ୍ରାପଡା,୫।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ବା କର୍କଟ ଏକ ଭୟାବହ ରୋଗ। ଯାହା ହସଖୁସିର ପରିବାର କୁ ଉଜାଡି ଦେଇଥାଏ। ଯେଉଁମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ, ଗୁଟଖା, ଖଇନି, ତମ୍ବାଖୁ ସେବନ କରନ୍ତି ସେମାନେ ଏହି ରୋଗେ ଆକ୍ରାନ୍ତ ହୋଇଥାନ୍ତି । କେତେକ କ୍ଷେତ୍ରରେ ଏକା ଖାଦ୍ୟପେୟ ର ନିୟନ୍ତ୍ରଣ ନ ରଖିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢିଥାଏ। ମୁଖ



ଗହ୍ୱର କ୍ୟାନସର ପୁରୁଷଙ୍କ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନସର ମହିଳାଙ୍କ କ୍ଷେତ୍ରରେ ବଢିଚାଲିଛି । ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖିପାରିଲେ କର୍କଟ ମୁକ୍ତ କରିପାରିବ ବୋଲି ଉପସ୍ଥିତ ଥିବା ଡାକ୍ତରମାନେ ମତବ୍ୟକ୍ତ କରିଥିଲେ । ଏହି ଅବସର ରେ କର୍କଟ ରୋଗୀଙ୍କୁ ସଚେତନତା କରାଉଥିବା, କେମୋ ଦେଉଥିବା ତଥା ଜିଲ୍ଲା କର୍କଟ ରୋଗ ଅଧିକାରୀ ଭେଷଜ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ଏବଂ କଲ୍ପନା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ଆୟୋଜିତ ଏହି କର୍କଟ ଦିବସ ରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ମିଶ୍ର, ସୁପରିଟେଣ୍ଡଣ୍ଟ (ଡିପିଏଚଓ) ଡ଼ା ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲିପ କୁମା ନାୟକଙ୍କ ସମେତ ଆଶୁତୋଷ ତ୍ରିପାଠୀ, ଶୁଭ ନାରାୟଣ ନାୟକଙ୍କ ସମେତ ଏଏନ୍‌ଏମ୍‌ଟିସି ର ଧକ୍ଷ ଏବଂ ଛାତ୍ରଛାତ୍ରୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆନ୍ତର୍ଜାତିକ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ 'ଶ୍ରୀଲଙ୍କାର ଡକ୍ଟର କିଙ୍ଗସ୍ ଲାଷ୍ଟ୍ ନାଇଟ' ମଞ୍ଚସ୍ଥ

ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ବୟାନ ନେଇ ବର୍ଷିଲେ ଗୌତମ

ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରିଛି କଂଗ୍ରେସ



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଯେଉଁଦିନଠାରୁ ଓଡ଼ିଆ ଝିଅ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିଛନ୍ତି, ସେଦିନରୁ କଂଗ୍ରେସ ଦଳର ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ନେତା ଅରୁଚିକର ମନ୍ତବ୍ୟ ଦେଇଆସୁଛନ୍ତି। ରାଷ୍ଟ୍ରମୁଖ୍ୟଙ୍କୁ ନୀଚା ଦେଖାଇବା ପାଇଁ ଅପଚେଷ୍ଟା କରୁଛି। ଏମିତି ମନ୍ତବ୍ୟ ଦେବା କଂଗ୍ରେସର ଚିରାଚରିତ ଅଭ୍ୟାସ। ରାଷ୍ଟ୍ରପତିଙ୍କୁ ଅବମାନନା କରି ପିସିସି ସଭାପତି କେବଳ ଯାଜପୁର ନୁହେଁ, ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରିଛନ୍ତି ବୋଲି ବରିଷ୍ଠ ନେତା ତଥା ଯାଜପୁର ଜିଲ୍ଲା ପୂର୍ବତନ ସଭାପତି ଗୌତମ ରାୟ କହିଛନ୍ତି। ଶ୍ରୀ ରାୟ କହିଛନ୍ତି ଯେ ପ୍ରଥମ ଥର ପାଇଁ ଜଣେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ଗସ୍ତ କରି ମା' ବିରଜାଙ୍କୁ ଦର୍ଶନ କରିଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଥମ ଥର ମା' ବିରଜାଙ୍କ ମନ୍ଦିର ଗସ୍ତ କରିବା ଯାଜପୁରବାସୀଙ୍କ ମନରେ ବଡ଼ ଉତ୍ସାହ ଭରି ଦେଇଛି, ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକେ ରାଷ୍ଟ୍ରପତିଙ୍କୁ ଅତିଥି ସେବା ଯୋଗାଇବାର ସୁଯୋଗ ପାଇଛନ୍ତି। କିନ୍ତୁ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରଶ୍ନ ଉଠାଇବା ପିସିସି ସଭାପତିଙ୍କ ହୀନ ମାନସିକତାର ପରିଚୟ ବୋଲି ଶ୍ରୀ ରାୟ କହିଛନ୍ତି।

ସେ କହିଛନ୍ତି ଯେ ଶୁଦ୍ଧ ପାନୀୟ ଜଳ ପିଇବା ଲୋକଙ୍କ ଅଧିକାର, ଏଥିରେ କୌଣସି ଦ୍ୱିମତ ନାହିଁ। ପାଲଟପୁର ପଞ୍ଚାୟତରେ ପିଇବା ପାଣିରେ ଅସୁବିଧା ହେଉଛି, ଏଠାରେ ଶୁଦ୍ଧ ପାଣି ଦରକାର, ଏହା ସତ। ଗତ ସରକାର ଅମଳରେ ଜଳ ଜୀବନ ମିଶନରେ ଦଶରଥପୁର ବ୍ଲକରେ ଘରେ ଘରେ ଟ୍ୟାପ ଯୋଗାଇବା ପାଇଁ ୧୮୦ କୋଟି ଟଙ୍କା ଦେଇଥିବା ବେଳେ ୨୦୧୯ରେ ୧୭୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଏହା ସତ୍ତ୍ୱେ ବି ଉକ୍ତ ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ପହଞ୍ଚିପାରିନାହିଁ। ମେଗା ପାନୀୟ ଜଳ ଯୋଜନାରେ ବ୍ୟାପକ ହରିଲୁଟ୍ ଓ ଦୁର୍ନୀତି ହୋଇଥିବା ସମସ୍ତେ ଜାଣିଛନ୍ତି। ତେଣୁ ଏହି ପ୍ରସଙ୍ଗରେ କଂଗ୍ରେସ ସଭାପତି କି ଦଳୀୟ ନେତାମାନେ ତତ୍କାଳୀନ ସରକାରକୁ ପ୍ରଶ୍ନ କରିଛନ୍ତି କି? ଏବେ ରାଷ୍ଟ୍ରପତିଙ୍କ ଗସ୍ତ ଖର୍ଚ୍ଚରୁ ବଞ୍ଚାଇ ଟ୍ୟୁବ୍‌ୱେଲ୍ ଖୋଳିବା ପ୍ରସ୍ତାବ ଦେବା କେତେଦୂର ଯୁକ୍ତିଯୁକ୍ତ? ଏବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଯାଜପୁର ସମେତ ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବଦ୍ଧପରିକର। ଅତୀତରେ ବ୍ୟାପକ ଦୁର୍ନୀତିର ପର୍ଦ୍ଦାଫାସ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ପ୍ରାକ୍ ବଜେଟ୍ ପରାମର୍ଶ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

ଚଳିତ ବର୍ଷ ଆସିବ 'ଲୋକଙ୍କ ବଜେଟ୍'



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଆମ ସରକାର ' ଲୋକଙ୍କ ସରକାର'। ଆମ ପାଇଁ ଜନତାଙ୍କ ସ୍ୱର ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ନିକଟରେ ପହଞ୍ଚିଛି। ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ତାହାକୁ ବଜେଟରେ ସ୍ଥାନ ଦିଆଯାଉଛି। ତେଣୁ ଚଳିତ ବର୍ଷର ବଜେଟ୍ ସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରାକ୍-ବଜେଟ ପରାମର୍ଶ ସଭାରେ ମତ ବ୍ୟକ୍ତ କରିଛନ୍ତି। ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ଠାରେ ଆୟୋଜିତ ପ୍ରାକ୍-ବଜେଟ୍ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହ ପ୍ରାକ୍ ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି। ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠାରୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।


ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟ ସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିଛି। ୨୦୨୬-୨୭ରେ ବି କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି। ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସୁଛି। ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଓ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ଆଜି ଏହି ବୈଠକରୁ ଯେଉଁସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏକେ ତ୍ରିପାଠୀ, ଆରଏନ୍ ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଏନ୍‌ଜିଓ ସଦସ୍ୟ, ଫିନ୍‌ଟେକ୍ ସିଇଓ, ସମାଜସେବୀ, କ୍ରେଡାଇର ଉପାଧକ୍ଷ, ବରିଷ୍ଠ ରାଜନେତା ସାରଦା ଶତପଥୀ, ସଞ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବୈଠକରେ ଅଂଶଗ୍ରହଣ କରିଛନ୍ତି।

ଆଶାୟୀଙ୍କ ବୟସ ଗଡୁଛି, କେବେ ହେବ ଏସ୍‌ଆଇ ପରୀକ୍ଷା



ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ): ଏସଆଇ ପରୀକ୍ଷା ସ୍କାମର ସିବିଆଇ ତଦନ୍ତ ଭିତରେ ନିଜ ଭବିଷ୍ୟତକୁ ନେଇ ଦୋଛକିରେ ଲକ୍ଷାଧିକ ଆଶାୟୀ। ଦୁଇ ଦୁଇ ଥର ବାତିଲ ପରେ ଏଯାଏଁ ଘୋଷଣା ହେଲାନି ନୂଆ ପରୀକ୍ଷା ତାରିଖ। ଦିନ ଗଡୁଥିବା ବେଳେ ଆଶା-ଭରସା ବି ତୁଟିଛି। ଏମିତି ସ୍ଥିତିରେ ଅନିଶ୍ଚିତ ଭାଗ୍ୟକୁ ନେଇ ତାତିଛନ୍ତି ଏସଆଇ ପରୀକ୍ଷା ଆଶାୟୀ। ଷ୍ଟୁଡେଣ୍ଟ ଏଗନେଷ୍ଟ କରପସନ୍ ନେତୃତ୍ୱରେ ଆଜି ଭୁବନେଶ୍ୱର ଲୋୟର ପିଏମଜିରେ ଶତାଧିକ ଆଶାୟୀ ଧାରଣା ଦେଇଛନ୍ତି। କେଉଁ ସ୍ଥିତିରେ ଅଛି ସିବିଆଇ ତଦନ୍ତ, କେବେ ପରୀକ୍ଷା ହେବ ବୋଲି ପ୍ରଶ୍ନ କରିଛନ୍ତି ଆନ୍ଦୋଳନରତ ଆଶାୟୀ। ବୟସ ଗଡ଼ି ଯାଉଥିବାରୁ ପରୀକ୍ଷାରେ ବିଳମ୍ବ ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେବ। ଶୀଘ୍ର ତାରିଖ ଘୋଷଣା ସହ ସ୍ୱଚ୍ଛତାର ସହ ପରୀକ୍ଷା କରିବାକୁ ଦାବି କରିଛନ୍ତି ଆଶାୟୀ। ଗୋଟିଏ ପଟେ ସିବିଆଇ ତଦନ୍ତ ଓ ଅନ୍ୟପଟେ ପରୀକ୍ଷା ପାଇଁ ନୂଆ ବୋର୍ଡ ଗଠନରେ ବିଳମ୍ବ, ଆଶାୟୀଙ୍କ ଆଶାକୁ ଅନିଶ୍ଚିତତାକୁ ଠେଲି ଦେଉଛି। ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଛାତ୍ରଛାତ୍ରୀଙ୍କୁ ବି ମିଳୁନି କୌଣସି ସ୍ପଷ୍ଟ ସୂଚନା।

ଜନମଙ୍ଗଳରେ ଲାଗିପଡ଼ିଛନ୍ତି ୪ ଯୁବ ଭେଷଜ ଗବେଷକ



ଭୁବନେଶ୍ୱର,୫।୨(ସଂଚାର ମିଡିଆ): ସମାଜସେବାରେ ଲାଗିପଡ଼ିଛନ୍ତି ୪ ଜଣ ଯୁବ ଭେଷଜ ଗବେଷକ। ସେମାନେ ହେଲେ ପଟିଆ ସିନାସ୍ମି ମଲ୍ଲିଡିସିପ୍ଲିନାରୀ ରିହାବ ସେଣ୍ଟର୍‌ର ଭେଷଜ ବିଜ୍ଞାନୀ ଡାକ୍ତର ରାକେଶ କୁମାର ସାହୁ, ଡାକ୍ତର ଆଶିଷ ସେଠୀ, ଡାକ୍ତର ଆକାଶ ସ୍ୱାଇଁ ଓ ଡାକ୍ତର କାଜଲ ସିଂହ। ଖୋର୍ଦ୍ଧା ଜିଲ୍ଲା କଳୟନପୁର ପଞ୍ଚାୟତସ୍ଥ ଗଞ୍ଜରପୁରରେ ଏମାନେ ପାଠପଢା ପରେ ସେବା କରୁଛନ୍ତି। ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ସଚେତନତା ଶିବିର, ଫିଜିଓଥେରାପି, ହିୟରିଂ ଏଡ୍ ସେବା ଓ ଟ୍ରାଏଲ୍, ଶ୍ରବଣ ଯାଞ୍ଚ ସହ ଅଟିଜମ୍ ସଚେତନତା ଆଦି ଯୋଗାଇ ଦେଉଛନ୍ତି। ଅଟିଜମ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମର ଫାଇଦା ଅଭିଭାବକମାନଙ୍କୁ ମିଳୁଛି। ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ସମ୍ପର୍କ ସେତୁ ପାଲଟିଛି ବେଦାନ୍ତର 'ମିଲାପ'



କଳାହାଣ୍ଡି,୫।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାରେ ଲୋକଙ୍କ ସହ ସମ୍ପର୍କ ବୃଦ୍ଧି ଦିଗରେ ସେତୁ ପାଲଟିଛି ବେଦାନ୍ତ ଆଲୁମିନିୟମର 'ମିଲାପ' ପ୍ରକଳ୍ପ। ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ପ୍ରକଳ୍ପ ଅଞ୍ଚଳରେ ଏହା କାର୍ଯ୍ୟକାରୀ ଏହି ଗୋଷ୍ଠୀ ସମ୍ପର୍କ ଅଭିଯାନ ଜରିଆରେ ଲୋକଙ୍କ ଭିତରେ ସ୍ଥିରତା, ବିଶ୍ୱାସ ଓ ବିଶ୍ୱସନୀୟତା ବୃଦ୍ଧି ପାଉଛି। ଗତ ୨୦୨୩ ଡିସେମ୍ବରରେ ଆରମ୍ଭ ହୋଇଥିବା 'ମିଲାପ' ଲୋକଙ୍କ ସହ ଯୋଡି ହେବା ପାଇଁ କମ୍ପାନୀର ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହା ମାଧ୍ୟମରେ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଢାଞ୍ଚା ପ୍ରସ୍ତୁତ ହୋଇପାରିଛି। ଆନୁଷ୍ଠାନିକ ବୈଠକ କିମ୍ବା ଏକକାଳୀନ କାର୍ଯ୍ୟକ୍ରମ ଉପରେ ନିର୍ଭର କରିବା ପରିବର୍ତ୍ତେ 'ମିଲାପ' ଏକ ସରଳ ମଡେଲ ହୋଇଛି। ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ପ୍ରତି ମାସରେ ଆଖପାଖର ଗାଁରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ତଦନୁସାରେ ପଦକ୍ଷେପ ନେଉଛନ୍ତି। ଏହି ପଦକ୍ଷେପ ଜିଲ୍ଲାରେ ସମ୍ପର୍କର ସ୍ୱରୂପକୁ ବଦଳାଇପାରିଛି। ସେହିପରି ବରିଷ୍ଠ ଅଧିକାରୀମାନେ କାରଖାନା ବାହାରେ ଗାଁ ପ୍ରାଙ୍ଗଣ, ବିଦ୍ୟାଳୟ ଓ ସାଧାରଣ ସ୍ଥାନରେ ଲୋକଙ୍କୁ ଭେଟୁଛନ୍ତି। ଆଲୋଚନାରେ କୃଷି ଓ ଜୀବିକାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଜୀବନ ଆଦି ସ୍ଥାନ ପାଇଥାଏ। କୌଣସି ଘୋଷଣା ପରିବର୍ତ୍ତେ ଲୋକଙ୍କ କଥା ଶୁଣିବା, ତାହାକୁ ଲିପିବଦ୍ଧ କରିବା ସହ ପରବର୍ତ୍ତୀ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ବେଦାନ୍ତ ଆଲୁମିନା ବିଜିନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଗତ ବର୍ଷକ ଭିତରେ 'ମିଲାପ' କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ସିଧାସଳଖ ଗୋଷ୍ଠୀ ସହ ଯୋଡ଼ିବାରେ ସକ୍ଷମ କରିଛି। ଏହି ମାସିକ ଆଲୋଚନା ଅର୍ଥପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରୁଛି।

ବୀରଗୌରବ ପ୍ୟାରୀମୋହନଙ୍କ ଜୟନ୍ତୀ ସମାରୋହ

କଟକ,୫।୨(ସଂଚାର ବ୍ୟୁରୋ): ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ପଦାଧିକାରୀ ସ୍ୱର୍ଗତଃ ପ୍ୟାରୀମୋହନ ସାମନ୍ତରାୟଙ୍କ ୧୦୯ତମ ଜୟନ୍ତୀ ସମାରୋହ ପ୍ୟାରୀମୋହନ-ପ୍ରମିଳା ଟ୍ରଷ୍ଟ ପକ୍ଷରୁ ସଭାପତି ସୁବ୍ରତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆଜି ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ଯୁବରାଜ ଦେବତା, ସୁଧିର ବେହେରା, ମୁରବୀ ଯୁଗଳ କିଶୋର ନାୟକ, ବିଶ୍ୱନାଥ ସାମଲ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୋନାଲି ସାମନ୍ତରାୟ, ସାରଦା ପ୍ରସାଦ ପ୍ରଧାନ, ଅକ୍ଷୟ ପଣ୍ଡା, ଡମ୍ବରୁଧର ମହାନ୍ତି, ଆଶିଷ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦେବୀପ୍ରସାଦ ମହାନ୍ତି, ପ୍ରତ୍ୟୁଷ ବଳ, ଯୁବରାଜ ଦେବତା, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତଃ ସାମନ୍ତରାୟ ଜଣେ ଦକ୍ଷ ପ୍ରଶାସକ ଓ ସୁଲେଖକ ଭାବେ ବେଶ ପରିଚିତ ଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ପରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ସମାରୋହରେ ବିଚିତ୍ର ମହାପାତ୍ର, ବଂଶୀଧର ନାୟକ, ସୁବୋଧ ମିଶ୍ର, ବିନୋଦ ସାମନ୍ତରାୟ, ଜ୍ୟୋତ୍ସ୍ନା ସାମନ୍ତରାୟ, ଟିକି ସାମନ୍ତରାୟ, ପୂରବୀ ସାମନ୍ତରାୟ, ଇସ୍ମିତା ସାମନ୍ତରାୟଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



● ସରକାରୀ ଆଇଟିଆଇରେ ଅଭାବନୀୟ କାଣ୍ଡ

ଛାତ୍ରଙ୍କୁ ଲୁହା ରଡ଼ରେ ପିଟିଲେ ଅନ୍ୟ ଛାତ୍ର

ରାୟଗଡ଼ା,୫।୨(ସଂଚାର ବ୍ୟୁରୋ): ଜଣେ ଛାତ୍ରଙ୍କୁ ଲୁହା ରଡରେ ପିଟିଛନ୍ତି ଆଉ ଜଣେ ଛାତ୍ର। ରାୟଗଡ଼ା ସହରସ୍ଥିତ ସରକାରୀ ଆଇଟିଆଇରେ ଘଟିଛି ଏପରି ଏକ ସମ୍ବେଦନଶୀଳ ଘଟଣା। ଛାତ୍ର ଜଣଙ୍କ ଲୁହା ଛଡ଼ରେ ପିଟି ଅନ୍ୟ ଛାତ୍ର ଜଣଙ୍କୁ ରକ୍ତାକ୍ତ କରିଥିବା ନେଇ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୁରୁତର ଛାତ୍ର ଜଣଙ୍କ କୋଲନରା ବ୍ଲକ ଅଞ୍ଚଳର ହୋଇଥିବା ବେଳେ ଆକ୍ରମଣ କରିଥିବା ଛାତ୍ର ଜଣଙ୍କ ସରକାରୀ ଆଇଟିଆଇରେ ଟ୍ରେଲଡର ଟ୍ରେଡ୍‌ରେ ପଢୁଥିଲେ। ମିଳିଥିବା ସୂଚନାନୁସାରେ, ଅନ୍ୟ ଜଣେ ଛାତ୍ର ତାଙ୍କୁ ଏକ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଛାତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୁଣ୍ଡ ଭିତରେ ଇଣ୍ଟରନାଲ୍ ବ୍ଲିଡିଂ ହେଉଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଫଳରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକ ଖବର ପାଇ ଗ୍ରାମବାସୀଙ୍କ ସହ ମେଡିକାଲରେ ପହଞ୍ଚିଥିଲେ। ସହପାଠୀଙ୍କଠାରୁ ସମସ୍ତ ବିଷୟ ବୁଝିବା ପରେ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ କରୁଥିବା ନେଇ ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ବୋଲେରୋ ଧକ୍କାରେ ୩ ଆହତ



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ସ୍ଥାନୀୟ ନନ୍ଦନ ବିହାର ଛକରେ ଆଜି ଏକ ବୋଲେରୋ ବେକାବୁ ହୋଇ ସିରିଜ୍ ଦୁର୍ଘଟଣା ଘଟାଇଛି। ଫଳରେ ଏକାଧିକ ଗାଡ଼ି ଚୂରମାର୍ ହୋଇଥିବା ବେଳେ ଏହା ୩ଟି ବାଇକ୍ ଉପରେ ବି ଚଢ଼ିଯାଇଛି। ଏଥିରେ ବାଇକରେ ଯାଉଥିବା ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ପରେ ଉକ୍ତ ବୋଲେରୋ ଚାଳକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ୍ ଜିମା ଦେଇଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଇନଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି।

ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବ୍ରଜରାଜନଗର,୫।୨(ସଂଚାର ବ୍ୟୁରୋ): ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅଞ୍ଚଳରେ ଥିବା କୁକୁରିକାନି ନିକଟରେ ଥିବା ଟାଙ୍ଗର ଘାଟ ଜଙ୍ଗଲରେ ଯୁବକଙ୍କ ମୃତଦେହ ମିଳିଛି। କେହି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରି ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନାନୁସାରେ, ରାମପୁର ଫାଣ୍ଡି ଅନ୍ତର୍ଗତ ବୁଗୁଦା ପଡା ନିବାସୀ ସତ୍ୟନାରାୟଣ ସାହସିଙ୍କ ୧୯ ବର୍ଷୀୟ ପୁଅ ଶାହିଲ ସାହିସ ଗତ ୧ ତାରିଖ ସକାଳୁ ଘରୁ ନିଖୋଜ ଥିଲେ। ଏ ସମ୍ପର୍କରେ ବାପା ସତ୍ୟନାରାୟଣ ସାହିସ ପୁଅ ନିଖୋଜ ଥିବା ରାମପୁର ଫାଣ୍ଡିରେ ଖବର ଦବା ପରେ ପୁଲିସ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଟାଙ୍ଗର ଘାଟ ଜଙ୍ଗଲ ଭିତରେ ଏକ ଜରିରେ କାହାର ମୃତଦେହ ଗୁଡ଼ାହୋଇ ପଡ଼ିଥିବା ବିଶେଷ ସୂତ୍ରରୁ ପ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ଶୁକ୍ରବାର ୬ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର

Friday 6 February 2026, Bhubaneswar

୨୦୦୪ର ପୁନରାବୃତ୍ତି

ଭାରତୀୟ ସଂସଦର ଇତିହାସରେ କିଛି ଘଟଣା ଏପରି ହୁଏ ଯାହା ଗଣତନ୍ତ୍ରର ମର୍ଯ୍ୟାଦାକୁ ପ୍ରଶ୍ନବାଚୀ କରିଦିଏ। ଏହି ଫେବୃଆରି ୫, ୨୦୨୬ରେ ଲୋକସଭାରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାସ ହେଲା କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟାଗତ ବିବୃତ୍ତି ହେଲା ନାହିଁ। ୨୦୦୪ ପରେ ଏହା ପ୍ରଥମ ଥର ହେଲା ଯେଉଁଠାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ବନ୍ଦ ରହିଲା। ଏହି ଘଟଣା ବିରୋଧୀଙ୍କ ବିକ୍ଷୋଭ, ସଭାପତିଙ୍କ ପରାମର୍ଶ ଏବଂ ସରକାରୀ ଅଭିଯୋଗର ଏକ ଜଟିଳ ସଂଯୋଗ ଥିଲା।



ଜାନୁଆରୀ ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କ ଚାଲିଥିଲା। ଫେବୃଆରୀ ୪ରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପାଇଁ ସମୟ ନିର୍ଧାରିତ ଥିଲା। କିନ୍ତୁ ବିରୋଧୀ ସାଂସଦମାନେ, ବିଶେଷକରି ମହିଳା ସାଂସଦମାନେ ବ୍ୟାନର ଧରି ପ୍ରଧାନମନ୍ତ୍ରୀଙ୍କ ଆସନ ଆଗକୁ ଆଗଇଥିଲେ। ଏହା ସଭାକୁ ଅସ୍ଥିର କରିଦେଇଥିଲା ଏବଂ ସଭା ସ୍ଥଗିତ ହୋଇଯାଇଥିଲା। ସରକାରୀ ସୂତ୍ରରୁ କୁହାଯାଇଛି ଯେ କଂଗ୍ରେସ ସାଂସଦମାନଙ୍କ ପକ୍ଷରୁ ଅପ୍ରତ୍ୟାଶିତ ଘଟଣା ବା ଶାରୀରିକ ଆକ୍ରମଣର ସୂଚନା ଥିଲା। ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା ପ୍ରଧାନମନ୍ତ୍ରୀଙ୍କୁ ସଭାକୁ ନ ଆସିବାକୁ ପରାମର୍ଶ ଦେଇଥିଲେ। ଏହା ଫଳରେ ଫେବୃଆରୀ ୫ରେ ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟରେ ପାସ ହେଲା କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭାଷଣ ହେଲା ନାହିଁ। ବିରୋଧୀ ସଂଶୋଧନଗୁଡ଼ିକ ପ୍ରତ୍ୟାଖ୍ୟାତ ହେଲା ଏବଂ ଗୃହ ପୁଣି ସ୍ଥଗିତ ହେଲା।

ଏହି ଘଟଣାର ପରବର୍ତ୍ତୀ ପର୍ଯ୍ୟାୟରେ ବିରୋଧୀମାନେ ରାହୁଲ ଗାନ୍ଧୀଙ୍କୁ ଭାଷଣ କରିବାକୁ ଅନୁମତି ନ ମିଳିବାକୁ ନେଇ ବିକ୍ଷୋଭ ଜାରି ରଖିଥିଲେ। ସେମାନେ ପୂର୍ବତନ ସେନାପ୍ରମୁଖ ଜେନେରାଲ ଏମଏମ ନରଭାନେଙ୍କ ଅପ୍ରକାଶିତ ଆତ୍ମଜୀବନୀ ଉପରେ ଆଲୋଚନା କରିବାକୁ ଚାହୁଁଥିଲେ, ଯେଉଁଥିରେ ୨୦୨୦ର ଭାରତ-ଚୀନ ସୀମା ବିବାଦ ଉଲ୍ଲେଖ ଅଛି। ସରକାର ଏହାକୁ ଅନୁମତି ନଦେବାରୁ ବିରୋଧୀମାନେ ସଭା ଅଚଳ କରିଦେଇଥିଲେ। ଅନ୍ୟପକ୍ଷରେ ସରକାର କହିଛନ୍ତି ଯେ ବିରୋଧୀମାନେ ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସଂସଦୀୟ ପରମ୍ପରା ଭାଙ୍ଗୁଛନ୍ତି। ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ଉତ୍ତର ଦେବାର ସମ୍ଭାବନା ଥିଲା କିନ୍ତୁ ଲୋକସଭାରେ ଏହା ନ ହେବା ଏକ ଅଭୂତପୂର୍ବ ଘଟଣା।

ଏହି ଘଟଣା ସଂସଦୀୟ ଗଣତନ୍ତ୍ରର ଦୁର୍ବଳତାକୁ ପ୍ରକାଶ କରୁଛି। ବିରୋଧୀମାନେ ବିକ୍ଷୋଭର ନାଁରେ ଗୃହ ଅଚଳ କରିବା ଏବଂ ସରକାର ବିନା ପ୍ରଧାନମନ୍ତ୍ରୀଙ୍କ ଉତ୍ତରରେ ପ୍ରସ୍ତାବ ପାସ କରିବା ଉଭୟ ଅନୁଚିତ। ୨୦୦୪ରେ ବିଜେପି ମନମୋହନ ସିଂହଙ୍କୁ ଭାଷଣ କରିବାକୁ ବାଧା ଦେଇଥିଲେ, ଆଜି ବିରୋଧୀମାନେ ସେହି ଅଭିଯୋଗ କରୁଛନ୍ତି। ଏହା ଦୁଇ ପକ୍ଷର ପାରସ୍ପରିକ ଅଭିଯୋଗର ଚକ୍ରକୁ ଦେଖାଉଛି। ସଂସଦ ଏକ ବିତର୍କର ମଞ୍ଚ, ବିକ୍ଷୋଭର ନୁହେଁ। ସଭାପତିଙ୍କ ନିର୍ଣ୍ଣୟ ସମ୍ମାନ କରିବା ଏବଂ ପରସ୍ପରର ଅଧିକାର ସ୍ୱୀକାର କରିବା ଜରୁରୀ।

ଏହି ଘଟଣା ଦେଶବାସୀଙ୍କୁ ଚିନ୍ତାରେ ପକାଇଛି। ଯେଉଁ ସଂସଦ ଜନତାଙ୍କ ପ୍ରତିନିଧିତ୍ୱ କରେ ସେଠାରେ ଏପରି ଅରାଜକତା ଅଗ୍ରହଣୀୟ। ସମସ୍ତ ପକ୍ଷ ମିଶି ସଂସଦୀୟ ମର୍ଯ୍ୟାଦା ପୁନଃସ୍ଥାପନ କରିବା ଉଚିତ୍। ନହେଲେ ଗଣତନ୍ତ୍ରର ମୂଳ ଆଧାର ଦୁର୍ବଳ ହୋଇପଡ଼ିବ। ଆମେ ଆଶା କରୁଛୁ ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ନହେବ ଏବଂ ସଂସଦ ପୁଣି ବିତର୍କ ଓ ସମ୍ମାନର ପ୍ରତୀକ ହେବ।

ଜନ୍ମ ହେବାମାତ୍ରେ ଶିଶୁ କାନ୍ଦେ କାହିଁକି?

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ନୂଆ କୁନି ସଦସ୍ୟର ଆଗମନରେ ଘରେ ଖୁସିର ଲହରି ଖେଳିଯାଏ। ତା'ର କୁଆଁ କୁଆଁ କାନ୍ଦ ଘରର ଖାଲିପଣକୁ ଭରିଦିଏ। ହେଲେ କେବେ ଭାବିଛନ୍ତି କି ଶିଶୁ ଜନ୍ମ ହେବାମାତ୍ରେ କାହିଁକି କାନ୍ଦେ? ଏ ସମ୍ପର୍କରେ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିକ ଓ ବିଜ୍ଞାନ ସମ୍ମତୀୟ କାରଣଟି ଉଲ୍ଲେଖ କରୁଛୁ।

ଜନ୍ମ ହେବାମାତ୍ରେ ଶିଶୁର କାନ୍ଦିବାକୁ ଅନେକେ ସାଧାରଣ ବୋଲି ଭାବନ୍ତି। ଏହାପଛର କାରଣ ଭୋକ, ଅସହଜାତ ଅବା ଭୟ ବୋଲି ମନେ କରନ୍ତି। ହେଲେ ବିଜ୍ଞାନ କହେ ଏହାପଛରେ ଗଭିର କାରଣ ରହିଛି। ମା ଗର୍ଭରେ ଶିଶୁ ଏକ ସୁରକ୍ଷିତ, ଅନ୍ଧାରୁଆ ଓ ଉଷ୍ମ ପରିବେଶରେ ଥାଏ। ତା'ଚାରିପଟେ ତରଳ ପଦାର୍ଥ ଥାଏ। ଆଉ ତାପମାତ୍ରା ପ୍ରାୟ ୩୭ ଡିଗ୍ରୀ ଥାଏ। ଜନ୍ମ ହେବାମାତ୍ରେ ଶିଶୁ ଏହି ଆରାମଦାୟକ ପରିବେଶରୁ ବାହାରି ହଠାତ୍ ଥଣ୍ଡା ବାୟୁ, ଆଲୋକ ଓ କୋଳାହଳ ଭରା ଦୁନିଆକୁ ପ୍ରବେଶ କରେ। ତେଣୁ ସେ ଅସହଜ ମନେ କରେ। ଆଉ କାନ୍ଦି କାନ୍ଦି ନିଜର ପ୍ରତିକ୍ରିୟା ବ୍ୟକ୍ତ କରେ।

ଗର୍ଭରେ ଥିବାବେଳେ ଶିଶୁ ନିଜ ଫୁସଫୁସ ବ୍ୟବହାର କରି ନଥାଏ। ତାକୁ ଯାହା ବି ଅମ୍ଳଜାନ ଆବଶ୍ୟକ ହୁଏ ତାହା ସେ ପ୍ଲାସେଣ୍ଟା ମାଧ୍ୟମରେ ପାଇଥାଏ। ମା'ର ରକ୍ତରେ ଅମ୍ଳଜାନ ଥାଏ ଯାହାକି ପ୍ଲାସେଣ୍ଟା ଓ ଅମ୍ବିଲିକାଲ କଡ଼ ମାଧ୍ୟମରେ ଶିଶୁ ନିକଟରେ



ପହଞ୍ଚିଥାଏ। ଗର୍ଭନଳୀ ବା ଅମ୍ବିଲିକାଲ କଡ଼ ଶିଶୁକୁ ଅମ୍ଳଜାନ ପ୍ରଦାନ କରିବାର ଏକ ଜରୁରୀ ମାଧ୍ୟମ କାମ କରିଥାଏ। ଏହା ଯେ କେବଳ ଅମ୍ଳଜାନ ପ୍ରଦାନ କରେ ତାହା ନୁହେଁ, ଖାଦ୍ୟ ଓ ରୋଗରୁ ରକ୍ଷା କରୁଥିବା ଆଣ୍ଟିବଡ଼ି ବି ଶିଶୁକୁ ପ୍ରଦାନ କରିଥାଏ। ତେବେ ଶିଶୁ ଜନ୍ମ ହେବାପରେ ଏହି ପ୍ରକ୍ରିୟ ବନ୍ଦ ହୋଇଯାଏ। ପ୍ରଥମଥର ପାଇଁ କାନ୍ଦିବା ଦ୍ୱାରା ଫୁସଫୁସ ବାୟୁରେ ଭରେ। ଆଉ ଅମ୍ଳଜାନ ରକ୍ତକୁ ପହଞ୍ଚିବାକୁ ଲାଗେ। ଯାହାକି ଏକ ନୂଆ ଜୀବନର ସବୁଠାରୁ ମହତ୍ୱପୂର୍ଣ୍ଣ ଆରମ୍ଭ। ଶିଶୁ ଜନ୍ମ ହେବାମାତ୍ରେ ଯଦି କାନ୍ଦେ ତେବେ ଏହା ଜଣାଯାଏ ଯେ, ଶିଶୁଟି ସୁସ୍ଥ ଅଛି। ଆଉ ତା'ର ଫୁସଫୁସ ଏବଂ ଅନ୍ୟ ଅଙ୍ଗ ଠିକ ଭାବେ କାମ କରୁଛି। ଖାସ ଏହି କାରଣ ଯୋଗୁଁ ଶିଶୁ ଜନ୍ମ ପରେ ପରେ କାନ୍ଦିବା ଜରୁରୀ ବୋଲି କୁହାଯାଏ। ଏହାବାଦ ଜନ୍ମ ପ୍ରକ୍ରିୟା ଶିଶୁ ପାଇଁ ଆଦୌ ସହଜ ନୁହେଁ। ଗର୍ଭରୁ ବାହାରିବା ସମୟରେ ତାକୁ ଶାରୀରିକ ଓ ମାନସିକ ଚାପ ଦେଇ ଗତି କରିବାକୁ ପଡ଼େ। କାନ୍ଦିବା ହେଉଛି ଏହି ଚାପରୁ କମ କରିବାର ପ୍ରାକୃତିକ ଉପାୟ। ତା'ସହ ଏହାଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ବି ପହଞ୍ଚେ। ନର୍ମାଲ ଡେଲିଭରୀରେ ଶିଶୁ ଯେବେ ଜନ୍ମ ଗ୍ରହଣ କରେ ତା'ର ଛାତି ଉପରେ କିଛିଟା ଚାପ ପଡ଼େ। ଯଦ୍ୱାରା ତାର ଫୁସଫୁସରେ ଥିବା ପାଣି ବାହାରିଯାଏ। ଶିଶୁର ଫୁସଫୁସରେ ବାୟୁ ଭରିଯାଏ। ଆଉ ଫୁସଫୁସ କାମ କରିବା ଆରମ୍ଭ କରେ ଓ ଶିଶୁ କାନ୍ଦେ। ଏହି ପ୍ରକ୍ରିୟା ଜନ୍ମ ହେବାର ମାତ୍ର କେଇ ସେକେଣ୍ଡରେ ହୁଏ। ଆଉ ଶିଶୁ ପ୍ରଥମଥର ଶ୍ୱାସକ୍ରିୟା କରେ। ଏହି ନୂଆ ଜୀବନର ଆରମ୍ଭ ପାଇଁ ଏହି ପ୍ରକ୍ରିୟା ନିହାତି ଆବଶ୍ୟକ। ଶିଶୁ କାନ୍ଦିବା ଏହା ସଙ୍କେତ ଦିଏ କି ଶିଶୁର ଫୁସଫୁସ କାମ କରିବା ଆରମ୍ଭ କଲା। ଯଦି ଶିଶୁ ନ କାନ୍ଦେ ତେବେ ଡାକ୍ତର ତୁରନ୍ତ ଚେକ କରନ୍ତି। ହେଲେ ସି-ସେକ୍ସନରେ ଜନ୍ମ ହୋଇଥିବା ସବୁ ଶିଶୁ ତୁରନ୍ତ କାନ୍ଦି ନଥାନ୍ତି। କାରଣ ସାଧାରଣ ପ୍ରସବ ବେଳେ ଯେଉଁ ଚାପ ଶିଶୁ ଉପରେ ପଡ଼େ ତାହା ଏଥିରେ ପଡ଼ି ନଥାଏ। ତେଣୁ ଡାକ୍ତର ମେସିନ ସାହାଯ୍ୟରେ ଶିଶୁର ପାଟି ଓ ନାକ ସଫା କରନ୍ତି। ତାକୁ ଅମ୍ଳଜାନ ପ୍ରଦାନ କରନ୍ତି। ଆବଶ୍ୟକ ହେଲେ ସିପିଆର ବି ଦିଅନ୍ତି। ଯଦି ଶିଶୁ ଜନ୍ମର ତୁରନ୍ତ ପରେ ନ କାନ୍ଦେ ତାହା କିଛି ସ୍ୱାସ୍ଥ୍ୟଗତ ସମସ୍ୟାର ସଙ୍କେତ ଦିଏ। ଯେମିତିକି ଫୁସଫୁସରେ ସମସ୍ୟା, ହୃତପିଣ୍ଡରେ ସମସ୍ୟା, ଜନ୍ମ ସମୟରେ ଅମ୍ଳଜାନର ଅଭାବ ଆଦି। ଏଭଳି ମାମଲା ଆସିଲେ ଶିଶୁରୋଗ ବିଶେଷଜ୍ଞ ତୁରନ୍ତ ଯାଞ୍ଚ କରି ଚିକିତ୍ସା ଆରମ୍ଭ କରନ୍ତି।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, E-MAIL: DRJYOTIRANJANCHAMPATRAY123@GMAIL.COM

ଆଶା ଓ ନିରାଶାର ମିଶ୍ରଣ ବଜେଟ୍ ୨୦୨୬-୨୭

ଡକ୍ଟର ଲକ୍ଷ୍ମଣ ସାହୁ




ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୦୨୭ କୁ ସରକାରଙ୍କ ସାଂଗଠନିକ ଦଳଗୁଡ଼ିକ ଦ୍ୱାରା ଏକ ବିକଶିତ ଭାରତ ପାଇଁ ବଜେଟ୍, ପରିବର୍ତ୍ତିତ ଭାରତର ରାଜନୈତିକ ଓ ଆର୍ଥିକ ପ୍ରାଥମିକତା ସହ ସରକାରଙ୍କ ଦୀର୍ଘକାଳୀନ ଦୃଷ୍ଟିକୋଣର ପ୍ରତିଫଳନ ଭାବରେ ପ୍ରଶଂସା କରାଯାଇଛି। ବିରୋଧୀ ଏହାକୁ ଏକ ସମ୍ପୂର୍ଣ୍ଣ ଦିଗହୀନ ବଜେଟ୍ ବୋଲି କହିଛନ୍ତି। ପ୍ରଶ୍ନ ଏହା ନୁହେଁ ଯେ ବଜେଟ୍ କେତେ ବଡ଼ କିମ୍ବା କେତେ ନୂତନ ସଂଖ୍ୟା ଉପସ୍ଥାପିତ ହୋଇଛି। ବରଂ ଏହା ମୁଦ୍ରାସ୍ଫୀତି ସହିତ ସଂଘର୍ଷ କରୁଥିବା ସାଧାରଣ ନାଗରିକଙ୍କୁ କିଛି ଆଶ୍ୱସ୍ତି ପ୍ରଦାନ କରେ ଓ ଭବିଷ୍ୟତ ପାଇଁ ଏକ ନିର୍ଭରଯୋଗ୍ୟ ମୂଳଦୁଆ ସ୍ଥାପନ କରେ କି ନାହିଁ। ବଜେଟ୍ ର ସମସ୍ତ ପ୍ରମୁଖ ବ୍ୟବସ୍ଥାର ମୂଲ୍ୟାଙ୍କନ ସ୍ପଷ୍ଟ ଭାବରେ ଅଭିବୃଦ୍ଧି, ନିବେଶ, ଭିତ୍ତିଭୂମି, ଡିଜିଟାଲ୍ ଅର୍ଥନୀତି ଓ ଏକ ଆତ୍ମନିର୍ଭରଶୀଳ ଭାରତକୁ ପ୍ରଦର୍ଶନ କରେ। କିନ୍ତୁ ଏଥିରେ ଅନେକ ଫାଙ୍କ ମଧ୍ୟ ଅଛି ଯାହା ସାଧାରଣ ଲୋକଙ୍କ ପାଇଁ। ବିଶେଷକରି ଚାଷୀ, ନିମ୍ନ ଆୟକାରୀ ଗୋଷ୍ଠୀ ଓ ଅସଂଗଠିତ କ୍ଷେତ୍ରର ଲୋକଙ୍କ ପାଇଁ ନିରାଶା ସୃଷ୍ଟି କରେ। ଏଥର ସରକାର ତୁରନ୍ତ ଲୋକବାଦୀ ପଦକ୍ଷେପଗୁଡ଼ିକୁ ଏଡ଼ାଇ ଦେଇଛନ୍ତି। ଦୀର୍ଘକାଳୀନ କ୍ଷମତା ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଆଭିମୁଖ୍ୟ ଆର୍ଥିକ ଦୃଷ୍ଟିକୋଣରୁ ବୁଦ୍ଧିମାନ ହୋଇପାରେ, କିନ୍ତୁ ଗଣତନ୍ତ୍ରରେ, ବଜେଟ୍ କେବଳ ଭବିଷ୍ୟତର ଦୃଷ୍ଟିକୋଣ ଉପରେ ମୂଲ୍ୟାଙ୍କନ କରାଯିବା ଉଚିତ ନୁହେଁ। ଏହା ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ମଧ୍ୟ ସମାଧାନ କରେ। ଶିକ୍ଷା ଓ ନିଯୁକ୍ତିକୁ ସଂଯୋଗ କରୁଥିବା "ଶିକ୍ଷା-ରୁ-ନିଯୁକ୍ତି" ମଡେଲ୍, ଓ କର୍ମକ୍ଷେତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ପ୍ରଥମ ଚାକିରି ପାଇଥିବା ଯୁବକମାନଙ୍କ ପାଇଁ ୧୫.୦୦୦ ଡିବିଟି ବୋନସ୍ ଓ ୧୦ ନିଯୁକ୍ତ ଇଣ୍ଟର୍ନସିପ୍ ଘୋଷଣା ନିଶ୍ଚିତ ଭାବରେ ଆକର୍ଷଣୀୟ ମନେହୁଏ। ଏହା ଯୁବପିଢ଼ିଙ୍କୁ ଆନୁଷ୍ଠାନିକ ଅର୍ଥନୀତି ସହିତ ଯୋଡ଼ିବା ଓ ସେମାନଙ୍କୁ ସାମାଜିକ ସୁରକ୍ଷା ଜାଲ ଭିତରକୁ ଆଣିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କାର୍ଯ୍ୟକାରିତା। ଏହି ଇଣ୍ଟର୍ନସିପ୍ ପ୍ରକୃତ ଦକ୍ଷତା ଓ ସ୍ଥାୟୀ ନିଯୁକ୍ତି ଆଡ଼କୁ ନେଇଯିବ କି, ନା ଏହି ଯୋଜନା କେବଳ ଏକ ବୋମା ହୋଇ ରହିବ ? ଆକର୍ଷଣୀୟ ନାମ ଏ ଉଚ୍ଚ ଲକ୍ଷ୍ୟ ସତ୍ତ୍ୱେ ଭାରତ ଭୂମିରେ ଖରାପ କାର୍ଯ୍ୟକାରିତା ଅନୁଭବ କରିଛି।

ସ୍କିଲ୍ ଇଣ୍ଡିଆ ୨.୦' ଅଧୀନରେ ଆଞ୍ଚଳିକ ଭାଷାରେ କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ ଓ ମେସିନ୍ ଲର୍ଣ୍ଣିଂ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଶିକ୍ଷା ଦେବାର ଯୋଜନା ଡିଜିଟାଲ୍ ବିଭାଜନକୁ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଗ୍ରାମୀଣ ଓ ଅର୍ଦ୍ଧ-ସହରୀ ଯୁବପିଢ଼ି ପାଇଁ ପ୍ରଯୁକ୍ତିବିଦ୍ୟା ଜଗତର ଦ୍ୱାର ଖୋଲିପାରେ, କିନ୍ତୁ ପ୍ରଶିକ୍ଷକଙ୍କ ଗୁଣବତ୍ତା, ପାଠ୍ୟକ୍ରମର ପ୍ରାସଙ୍ଗିକତା ଓ ଶିଳ୍ପ ସହଯୋଗ ବିନା, ଏହି ପଦକ୍ଷେପର ସୀମିତ ପ୍ରଭାବ ପଡ଼ିପାରେ। ଶିକ୍ଷା ବଜେଟକୁ ପ୍ରାୟ ୧.୩୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ପ୍ରଶଂସନୀୟ। କିନ୍ତୁ ଏହା ଛାତ୍ର ସଂଖ୍ୟା ବୃଦ୍ଧି, ବିଶ୍ୱସ୍ତରୀୟ ପ୍ରତିଯୋଗିତା ଓ ଗବେଷଣା ଆବଶ୍ୟକତା ପରିସରରୁ କମ୍।

ବିଶେଷକରି ପ୍ରଥମ ଦୃଷ୍ଟିରେ, ଏହି ପରିମାଣ ପର୍ଯ୍ୟାପ୍ତ ମନେହୁଏ ନାହିଁ। ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏହି ବଜେଟ୍ ଆଶ୍ୱସ୍ତି ଓ ନିରାଶାର ମିଶ୍ରଣ। ଆୟକର ହାରରେ ଏକ ବଡ଼ ବୃଦ୍ଧି କରାଯାଇଛି।ଯଦିଓ କୌଣସି ପରିବର୍ତ୍ତନ କରାଯାଇ ନାହିଁ, ଆୟକର ବ୍ୟବସ୍ଥାକୁ ସରଳ କରିବା ପାଇଁ ଏକ ଘୋଷଣା କରାଯାଇଛି। ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ: ଜଟିଳ ଛାଡ଼ର ଚକ୍ରବ୍ୟୂହରୁ ମୁକ୍ତ କରି ଟିକସ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବା, ଏହା ଦ୍ୱାରା ବ୍ୟବହାର ବୃଦ୍ଧି ପାଇବ। ଅର୍ଥନୀତିରେ ଚାହିଦା ବୃଦ୍ଧି ପାଇବ। ଆର୍ଥିକ ମାନ୍ଦାବସ୍ଥା ସମୟରେ ଏହି ପଦ୍ଧତି ଉପଯୋଗୀ ହୋଇପାରେ।

ସରକାର କିଛି ବସ୍ତୁ ଓ କ୍ଷେତ୍ର ଉପରେ ଟିକସ ହ୍ରାସ କରି ଆଶ୍ୱସ୍ତି ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି। କର୍କଟ ଓ ମଧୁମେହ ଭଳି ଗମ୍ଭୀର ରୋଗ ପାଇଁ ଔଷଧର ମୂଲ୍ୟ ହ୍ରାସ ନିସନ୍ଦେହରେ ଲକ୍ଷ ଲକ୍ଷ ପରିବାର ପାଇଁ ଏକ ଜୀବନ ରକ୍ଷାକାରୀ ପଦକ୍ଷେପ। ମୋବାଇଲ୍ ଫୋନ୍, ଇଭି ବ୍ୟାଟେରୀ ଓ ସୌର ପ୍ୟାନେଲ୍ ଉପରେ ରିହାତି ସବୁଜ ଶକ୍ତି , ଏପରିକି ଡିଜିଟାଲ୍ ଇଣ୍ଡିଆକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଲୋକଙ୍କ ପାଖରେ ପ୍ରଯୁକ୍ତିବିଦ୍ୟା ଆଣିବାର ଏକ ପ୍ରୟାସ। ଜୋତା, ପୋଷାକ ଓ କିଛି ଘରୋଇ ଉପକରଣର ମୂଲ୍ୟ ହ୍ରାସ ମଧ୍ୟବିତ୍ତ ଶ୍ରେଣୀର ବ୍ୟବହାରକୁ ବୃଦ୍ଧି କରିପାରେ। କିନ୍ତୁ ମଦ୍ୟପାନ, ଖଣିଜ ପଦାର୍ଥ ଓ ଜୟ ସ୍ୱାପ୍ ଉପରେ ଅଧିକ ଶୁଳ୍କ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ ଓ ଶେଷରେ ଗ୍ରାହକ ମୂଲ୍ୟକୁ ପ୍ରଭାବିତ କରିପାରେ।

ଆହୁରି ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଷ୍ଟକ୍ ବଜାର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା। ଫ୍ୟୁଚର୍ସ ଓଚ ଅପ୍ସନ୍ ବାଣିଜ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଟିକସ ଖୁଚୁରା ନିବେଶକମାନଙ୍କୁ ଦୁର୍ବଳ କରିଥିଲା ଓ ବଜେଟ୍ ସମୟରେ ବଜାରରେ ତୀବ୍ର ହ୍ରାସ ଘଟିଥିଲା। ବାର୍ତ୍ତା ଦିଆଯାଇଥିଲା ଯେ ସରକାର ଅନୁମାନମୂଳକ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଥିଲେ। କିନ୍ତୁ ଏହାର ପ୍ରତିକୂଳ ପରିଣାମ ନିବେଶକ ଓ ବଜାର ସ୍ଥିରତା ଉପରେ ପଡ଼ିଥିଲା। ଏହି ବଜେଟ୍ ମୁଦ୍ରାସ୍ଫୀତି ଓ ନିବେଶ କ୍ଷେତ୍ରରେ ଏକ



ବିରୋଧାଭାସ ଉପସ୍ଥାପନ କରୁଛି। ଗୋଟିଏ ପଟେ ବ୍ୟବହାର ବୃଦ୍ଧି କରିବାର ପ୍ରୟାସ, ଓ ଅନ୍ୟପଟେ, ନିବେଶ ଭାବନା ଉପରେ ଏକ ଆଘାତ।

ଭିତ୍ତିଭୂମି ପାଇଁ ₹୧୨.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ସରକାରଙ୍କ ବିକାଶ ରଣନୀତିର ସବୁଠାରୁ ଦୃଢ଼ ସ୍ତମ୍ଭ। ମୁମ୍ବାଇ-ପୁଣେ। ଦିଲ୍ଲୀ-ବାରାଣସୀ ଭଳି ରୁଟ୍ ସମେତ ସାତଟି ହାଇ-ସ୍ପିଡ୍ ରେଳ କରିଡର ଭାରତର ସଂଯୋଗୀକରଣ ଓ ଆଞ୍ଚଳିକ ବିକାଶକୁ ପରିବର୍ତ୍ତନ କରିପାରିବ। ଉନ୍ନତ ପରିବହନ ଶିଳ୍ପ, ଲଜିଷ୍ଟିକ୍ସ, ପର୍ଯ୍ୟଟନ ଓ ରିଅଲ୍ ଇଷ୍ଟେଟ୍ ପାଇଁ ଏକ ନୂତନ ପ୍ରେରଣା ଯୋଗାଇପାରେ। ସହରୀକରଣର ଅସନ୍ତୁଳନକୁ ସଂଶୋଧନ କରିବା ପାଇଁ ଟାୟାର-୨ ଓ ଟାୟାର-୩ ସହରଗୁଡ଼ିକ ଉପରେ ଧ୍ୟାନ ଦେବା ସଠିକ୍ ଦିଗରେ ଏକ ପଦକ୍ଷେପ। ତଥାପି ଭିତ୍ତିଭୂମି ଖର୍ଚ୍ଚର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାକୁ ସମୟ ଲାଗେ। ନିର୍ମାଣ ସାମଗ୍ରୀର ମୂଲ୍ୟରେ ତୁରନ୍ତ ବୃଦ୍ଧି ମୁଦ୍ରାସ୍ଫୀତି ଚାପକୁ ବୃଦ୍ଧି କରିପାରେ।

ବଜେଟ୍ ଏମଏସଏମଇ ଓ ବ୍ୟବସାୟ ପାଇଁ ଏକ ନୂତନ ଜୀବନ ପ୍ରଦାନ କରେ। ₹୧୦,୦୦୦ କୋଟି ଟଙ୍କାର ଏକ ଏସଏମଇ ଅଭିବୃଦ୍ଧି ପାଣ୍ଠି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ପୁଞ୍ଜି ଅଭାବ ଦୂର କରିବାରେ ସାହାଯ୍ୟ କରିପାରିବ। ମହିଳାମାନଙ୍କ ପାଇଁ ମୁଦ୍ରା ଋଣ , ମହିଳା ଉଦ୍ୟୋଗୀଙ୍କୁ ପ୍ରକୃତ ଆର୍ଥିକ ଶକ୍ତି ସହ

ନାଇଜେରିଆ ନରସଂହାର

୧୬୨ ଜଣଙ୍କୁ ନିର୍ମମ ହତ୍ୟା



ଆବୁଜା,୫।୨: ପଶ୍ଚିମ ନାଇଜେରିଆର ଦୁଇଟି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଆକ୍ରମଣ କରି ୧୬୨ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରି ରକ୍ତର ନଦୀ ବୁହାଇଛନ୍ତି। ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୁରକ୍ଷା ସଙ୍କଟ ଆହୁରି ଘନିଭୂତ ହୋଇଛି। କ୍ୱାରା ରାଜ୍ୟର ୱାରୋ ଓ ନୁକୁ ଗ୍ରାମକୁ ଟାର୍ଗେଟ କରାଯାଇଥିଲା। ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ସାଂସଦ ମହମ୍ମଦ ଓମାର ବାୟୋ କହିଛନ୍ତି, ଆକ୍ରମଣ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ସଶସ୍ତ୍ର ଗୋଷ୍ଠୀ ଲାକୁରାୱା ଦ୍ୱାରା କରାଯାଇଥିଲା। ସାମ୍ପ୍ରତିକ ମାସ ମଧ୍ୟରେ ନାଇଜେରିଆର ଗ୍ରାମଗୁଡ଼ିକ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଗୋଟିଏ ବୋଲି ସେ କହିଛନ୍ତି।

ଭୟଙ୍କର ହତ୍ୟାକାଣ୍ଡ ପରେ, ଗାଁ ସାରା ମୃତଦେହ ପଡ଼ି ରହିଥିଲା। କ୍ୱାରା ରାଜ୍ୟର ରାଜ୍ୟପାଳ ଅବଦୁଲରହମାନ ଅବଦୁଲରାଜାକ ଏହି ଆକ୍ରମଣକୁ ଆତଙ୍କବାଦୀ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକର ହତାଶାର ପରିଣାମ ବୋଲି ବର୍ଣ୍ଣନା କରିଛନ୍ତି। ପ୍ରତିଶୋଧ ନେବା ପାଇଁ ଆକ୍ରମଣ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ନାଇଜେରିଆ ବର୍ତ୍ତମାନ ଏକ ଗମ୍ଭୀର ସୁରକ୍ଷା ସଙ୍କଟ ସହିତ ସଂଘର୍ଷ କରୁଛି। ଉତ୍ତର-ପୂର୍ବରେ ଇସଲାମିକ ଆତଙ୍କବାଦୀଙ୍କ ଦ୍ୱାରା ବିଦ୍ରୋହ ଜାରି ରହିଥିବା ବେଳେ, ଉତ୍ତର-ପଶ୍ଚିମ ଓ ଉତ୍ତର-କେନ୍ଦ୍ରୀୟ ଅଞ୍ଚଳରେ ଅପହରଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଆମେରିକୀୟ ସେନାର ଆଫ୍ରିକା କମାଣ୍ଡର ମୁଖ୍ୟ କହିଛନ୍ତି, ଆମେରିକା ନାଇଜେରିଆର ସୁରକ୍ଷା ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ସାମରିକ ଅଧିକାରୀଙ୍କ ଏକ ଛୋଟ ଦଳ ପଠାଇଛି। ଡିସେମ୍ବରରେ ଆମେରିକୀୟ ସେନା ନାଇଜେରିଆରେ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କ ଶିବିର ଉପରେ ଏୟାର୍ ଷ୍ଟ୍ରାଇକ୍ କରିଥିଲା।

ଯୋଗୀଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ

ୟୁପିରେ ଚାଇନିଜ ମାଞ୍ଜା ବ୍ୟାନ୍

ଲକ୍ଷ୍ନୌ, ୫।୨ : ଉତ୍ତର ପ୍ରଦେଶରେ ଚାଇନିଜ୍ ମାଞ୍ଜା ଉପରେ ପ୍ରତିବନ୍ଧକ ଲଗାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାରମ୍ବାର ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ଏହି ନିଷ୍ପତ୍ତି ନେଇଛନ୍ତି। ଏବେ ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।



ଚାଇନିଜ୍ ସୂତାର ବିକ୍ରୟ ଏବଂ ଉପଲବ୍ଧତାକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢାଉ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଇନିଜ୍ ମାଞ୍ଜା ଯୋଗୁଁ ଯେକୌଣସି ଜୀବନହାନିକୁ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାଇନିଜ୍ ମାଞ୍ଜା ଯୋଗୁଁ ହେଉଥିବା କ୍ରମାଗତ ମୃତ୍ୟୁକୁ ନେଇ ଗଭୀର କ୍ରୋଧିତ ହୋଇଥିଲେ। ନିଷେଧ ସତ୍ତ୍ୱେ ଚାଇନିଜ୍ ମାଞ୍ଜା କିପରି ବଜାରରେ ପହଞ୍ଚିଛି ଏବଂ କିଏ ଏହାକୁ ବିକ୍ରି କରୁଛି ସେ ବିଷୟରେ ସେ ସିଧାସଳଖ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ସେ ଆହୁରି କହିଛନ୍ତି, ଚାଇନିଜ ମାଞ୍ଜା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଏବେ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ରୁଜୁ କରାଯିବ। ନିଷେଧ ସତ୍ତ୍ୱେ ଚାଇନିଜ୍ ସୂତାର ବିକ୍ରୟ ଏବଂ ବ୍ୟବହାରକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ। ଏହି ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମଗ୍ର ନେଟୱର୍କକୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଦୋଷୀମାନଙ୍କୁ ଗିରଫ କରି ଜେଲ୍ କରିବାକୁ ସେ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ଶଶି ଥରୁରଙ୍କ ପୁଅ ଚାକିରିରୁ ବିଦା



ନୂଆଦିଲ୍ଲୀ,୫।୨ : କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ପୁଅ ଇଶାନ ଥରୁରଙ୍କୁ ଚାକିରିରୁ ବାହାର କରିଦିଆଯାଇଛି। ନିକଟରେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ନିୟନ୍ତ୍ରଣରେ ଥିବା ୱାଶିଂଟନ୍ ପୋଷ୍ଟ ଏକ ତୃତୀୟାଂଶ କର୍ମଚାରୀଙ୍କୁ ଛଟେଇ କରିଛି। ଏହା ମଧ୍ୟରେ ଇଶାନ ରହିଛନ୍ତି। କାରଣ କମ୍ପାନୀ ବିଶ୍ୱର ଅନେକ ସ୍ଥାନରେ ଥିବା ଏହାର ବ୍ୟୁରୋକୁ ବନ୍ଦ କରିବା ସହ ଅନେକ ପ୍ରକାଶନକୁ ବନ୍ଦ କରିଦେଇଛି। ଇଶାନ ୱାଶିଂଟନ ପୋଷ୍ଟର ଅନ୍ତର୍ଜାତୀୟ ଖବର ପୃଷ୍ଠାରେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ଛଟେଇ ନେଇ ସେ ନିଜେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୮୦୦ରୁ ଅଧିକ ସାମ୍ବାଦିକଙ୍କୁ ଚାକିରିରୁ ବିଦାହେବାକୁ ପଡିଛି। ଅନେକ ଅନ୍ତର୍ଜାତୀୟ ସ୍ତମ୍ଭ ଲେଖୁଥିବା ସାମ୍ବାଦିକ ଆଉ କାର୍ଯ୍ୟାଳୟରେ ନାହାଁନ୍ତି । ୧୨ ବର୍ଷ ହେଲା ଅନେକ ସମ୍ପାଦକଙ୍କ ସହ ସେ କାମ କରିଛନ୍ତି। ସେମାନେ ମଧ୍ୟ ଆଉ ଚାକିରିରେ ନାହାଁନ୍ତି।

ରାଜ୍ୟସଭାରେ ମୋଦୀଙ୍କ ଉଦ୍‌ବୋଧନ

ଟ୍ରେଡ୍ ଡିଲ୍‌କୁ ନେଇ ବିଶ୍ୱ ଖୁସି; ବିରୋଧୀଙ୍କ ୱାକଆଉଟ୍



ନୂଆଦିଲ୍ଲୀ,୫।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଭାଷଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିବା ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ହଙ୍ଗୋଳ ଆରମ୍ଭ କରିଥିଲେ। ମୋଦୀ କହିଥିଲେ, ଦେଶକୁ ସୁଧାରିବାରେ ଦଶନ୍ଧୀ ଲାଗିଗଲା। କେବଳ କଂଗ୍ରେସର ଭୁଲ ଯୋଗୁ ଆମେ ବହୁତ ପଛକୁ ଚାଲିଯାଇଥିଲେ। ଏବେ ସ୍ଥିତିରେ ସୁଧାର ଆସିପାରିଛି। ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରୁଛନ୍ତି ଆମେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛୁ। ଏବେ ଆମକୁ ଅଟକିବା ଉଚିତ୍ ନୁହେଁ କିମ୍ବା ପଛକୁ ଚାହିଁବା ଉଚିତ୍ ନୁହେଁ। ଭାରତ ଅନେକ ଆଶୀର୍ବାଦ ପାଇଛି। ଏହା ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଶ୍ୱର ପ୍ରମୁଖ ରାଷ୍ଟ୍ରଗୁଡ଼ିକ ବୁଡ଼ା ହେଉଛନ୍ତି। ଆମର ଦେଶ ଏପରି ଏକ ଦେଶ ଯାହା ବିକାଶର ନୂତନ ଶିଖର ଆରୋହଣ କରୁଛି।

ପିଏମ ମୋଦୀ ଆହୁରି କହିଥିଲେ, ଭାରତ ଏକ ଏପରି ରାଷ୍ଟ୍ର ଯାହା ବିଶ୍ୱ ସ୍ତରରେ ଉଭା ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାକୁ ସକ୍ଷମ। ଭାରତର ଅଭିବୃଦ୍ଧି ବହୁତ ଅଧିକ ଏବଂ ମୁଦ୍ରାସ୍ଫୀତି କମ୍। ଏହା ଆମର ଅର୍ଥନୀତିକୁ ସୁଦୃଢ଼ କରୁଛି। ବିଶ୍ୱ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଆଡକୁ ଗତି କରୁଛି। ସମସ୍ତେ ଭାରତ ଆଡକୁ ଢଳୁଛନ୍ତି। ଏକ ବିଶ୍ୱ ବନ୍ଧୁ ଭାବରେ, ଭାରତ ଅନେକ ଦେଶ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ହୋଇପାରିଛି ଏବଂ ଆମେ ଏଥିରେ ଆମର ଭୂମିକା ନିର୍ବାହ କରୁଛୁ। ଭାରତ ଅନେକ ଦେଶ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରୁଛି। ୯ଟି ପ୍ରମୁଖ ଦେଶ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଯେଉଁଥିରେ ୨୭ଟି ଦେଶକୁ ଏକତ୍ରିତ କରୁଥିବା 'ମଦର ଅଫ୍ ଅଲ୍ ଡିଲ୍ସ' ମଧ୍ୟ ସାମିଲ ଅଛି। ବିରୋଧୀ ଦଳକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଯେଉଁମାନେ କ୍ଲାନ୍ତ ହୋଇ ଚାଲିଗଲେ, ସେମାନଙ୍କୁ ଦିନେ ଉତ୍ତର ଦେବାକୁ ପଡିବ।'

ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, 'କଳା ଶବ୍ଦ ସହିତ ସେମାନଙ୍କର କ'ଣ ସମ୍ପର୍କ ଅଛି ? ମୁଁ ଏପରି ସମସ୍ତ ସାଥୀମାନଙ୍କୁ କହିବାକୁ ଚାହେଁ, କେତେଦିନ ପର୍ଯ୍ୟନ୍ତ ଦୁନିଆକୁ ଠକିବ? ଥରେ ଦର୍ପଣରେ ଦେଖିବା ପରେ ସତ୍ୟକୁ କେଉଁଠି ଲୁଚାଇବ? କଂଗ୍ରେସ ହେଉ, ଟିଏମସି ହେଉ, ଡିଏମକେ ହେଉ କିମ୍ବା ବାମପନ୍ଥୀ, ସେମାନେ ଦଶନ୍ଧି ଧରି କ୍ଷମତାରେ ଅଛନ୍ତି, କିନ୍ତୁ ସେମାନଙ୍କର ପରିଚୟ କ'ଣ ?'

ପ୍ରଧାନମନ୍ତ୍ରୀଙ୍କୁ ମହିଳା ସାଂସଦ ଘେରାଉ କରିବା ଘଟଣା

ଲୋକସଭା ନ ଆସିବାକୁ ମୋଦିଙ୍କୁ କହିଥିଲେ ବାଚସ୍ପତି



ନୂଆଦିଲ୍ଲୀ, ୫।୨: ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଉତ୍ତର ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଲୋକସଭାକୁ ଆସିବାର ଥିଲା ଅପରାହ୍ନ ୫ଟାରେ ଏଥିପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏହାର ଠିକ କିଛି ମିନିଟ ପୂର୍ବରୁ ଲୋକସଭାକୁ ମୁଲତବୀ ଘୋଷଣା କରି ଦିଆଯାଇଥିଲା। ବିରୋଧୀଙ୍କ ନାରାବାଜୀ ଓ ହଙ୍ଗୋଳ ଯୋଗୁ ଗୃହର ଅଧ୍ୟକ୍ଷ ଏପରି ପଦକ୍ଷେପ ନେଇଥିଲେ। କିନ୍ତୁ ବିରୋଧୀ ଅଭିଯୋଗ କରିଛନ୍ତି ଯେ ସେମାନେ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଡରି ପ୍ରଧାନମନ୍ତ୍ରୀ ମୋଦି ବୁଧବାର ଲୋକସଭାକୁ ଆସି ନଥିଲେ। ଏହି ପ୍ରସଙ୍ଗରେ ବରୋଧୀ ଘନଘନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରୁଥିବାରୁ ଏହା ଉପରେ ବଡ଼ ବୟାନ ରଖିଛନ୍ତି ଲୋକସଭା ବାଚସ୍ପତି ଓମ ବିର୍ଲା। ତାଙ୍କ କହିବା କଥା କଥା ଯେ, ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପୂର୍ବରୁ ବିରୋଧୀ ଦଳର ସଦସ୍ୟମାନେ ତାଙ୍କ ଆସନକୁ ଘେରି ଯାଇଥିଲେ। କିଛି ଅପ୍ରତ୍ୟାଶିତ ଘଟଣା ଘଟିବାର ଆଶଙ୍କା ଥିବାରୁ ସେ ନିଜେ ହିଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲୋକସଭା ନ ଆସିବାକୁ ପରାମର୍ଶ ଦେଇଥିଲେ। ଏହାପୂର୍ବରୁ ବୁଧବାର ବିଜେପି ସାଂସଦ ମନୋଜ ତିୱାରୀ ମଧ୍ୟ ପାଖାପାଖି ସମାନ କଥା କହିଥିଲେ। ସେ କହିଥିଲେ ବିରୋଧୀ ଦଳର ମହିଳା ସଦସ୍ୟାମାନେ ପ୍ରଧାନମନ୍ତ୍ରୀଙ୍କ ଆସନକୁ ଘେରାଉ କରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ଗୃହକୁ ଆସି ନଥିଲେ। ସେ କହିଛନ୍ତି, ପାରଂପରିକ ଭାବେ ରାଜନୀତିକ ମତପାର୍ଥକ୍ୟକୁ ସଂସଦ ଭିତରକୁ ଆଣିବା କଥା ନୁହେଁ।

ମମତାଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା

ମହଙ୍ଗା ଭତ୍ତା ଦେବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୫।୨ : ଦିଦିଙ୍କୁ ବଡ଼ ଝଟକା ଦେଲେ ସୁପ୍ରିମକୋର୍ଟ। ରାଜ୍ୟର ସରକାରୀ କର୍ମଚାରୀଙ୍କୁ ୨୦୦୯ରୁ ୨୦୧୯ ମଧ୍ୟରେ ଡିଏ ବା ବକେୟା ମହଙ୍ଗା ଭତ୍ତା ପ୍ରଦାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହା କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ ସଞ୍ଜୟ କରୋଲ ଏବଂ ପିକେ ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନିୟମ ଅନୁସାରେ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଦେବା ଆବଶ୍ୟକ। ଏହାସହ ପଶ୍ଚିମବଙ୍ଗ ଆର୍ଥିକ କ୍ଷମତା ନେଇ ଦାଖଲ କରିଥିବା ନଥିପତ୍ରକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିରେ ରାଜ୍ୟ ସରକାର ଡିଏ ପ୍ରଦାନ ନକରିବା ନେଇ ଅନେକ ଯୁକ୍ତି ରଖିଥିଲେ। ଏହାସହ ପୂର୍ବତନ ବିଚାରପତି ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ନ୍ୟାୟାଳୟ ଏକ କମିଟି ଗଠନ କରିଛନ୍ତି। କୋର୍ଟ ମାମଲାରେ ରାଜ୍ୟ ସରକାରଙ୍କୁ ସମ୍ବିଧାନର ଧାରା ୩୦୯ର ଉଦାହରଣ ଦେଇଛନ୍ତି। ଏହାସହ ୧୩ଟି ପ୍ରଶ୍ନ ପଚାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ମହଙ୍ଗା ଭତ୍ତା କୌଣସି ସ୍ଥିର ବସ୍ତୁ ନୁହେଁ। ଏହା ଗତିଶୀଳ ବସ୍ତୁ। ଏହାର ନିୟମରେ ପରିବର୍ତ୍ତନ କରାଯାଇପାରିବ। ହେଲେ ପଶ୍ଚିମବଙ୍ଗ ସରକାର ମନଇଚ୍ଛା ନିୟମକୁ ପରିବର୍ତ୍ତନ କରିଛନ୍ତି। ଯାହା ମନମାନିକୁ ସୂଚୀତ କରୁଛି। କୋର୍ଟ ଆହୁରି କହିଛନ୍ତି ଯେ, ପଶ୍ଚିମବଙ୍ଗ ସରକାରଙ୍କ ପାଖରେ ଅଧିକାର ରହିଛି। ତେଣୁ କୌଣସି ଆର୍ଥିକ ନୀତି ଏଥିରେ କଣ୍ଟା ହୋଇପାରିବ ନାହିଁ।

କୋଇଲା ଖଣିରେ ବିସ୍ଫୋରଣ

୧୦ ମୃତ

ସିଲଂ, ୫।୨: ମେଘାଳୟର ତାସଖାଇ ସ୍ଥିତ ଏକ କୋଇଲା ଖଣିରେ ଭୀଷଣ ବିସ୍ଫୋରଣ ଘଟିଛି। ଦୁର୍ଘଟଣାରେ ଅତି କମରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ପୂରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସ୍ଥାନୀୟ ପ୍ରଶାସନ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ତାସଖାଇର କୋଇଲା ଖଣିରେ ଅଚାନକ ବଡ଼ ବିସ୍ଫୋରଣ ଘଟିଥିଲା। ଫଳରେ ଖଣି ଭିତରେ କାମ କରୁଥିବା ଶ୍ରମିକ ଏହାର କବଳରେ ଆସିଥିଲେ। ଧମାକା ଏତେ ତୀବ୍ର ଥିଲା ଯେ, ଖଣି ଭିତରେ ଥିବା ଶ୍ରମିକଙ୍କୁ ବାହାରିବାର ସୁଯୋଗ ବି ମିଳି ନ ଥିଲା। ମୃତକଙ୍କ ମଧ୍ୟରୁ ସମସ୍ତ ଶ୍ରମିକ ଆସାମର ହୋଇଥିବା କୁହାଯାଉଛି।



ତେବେ ପ୍ରଶାସନ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇନାହିଁ। ବିସ୍ଫୋରଣ ସୂଚନା ମିଳିବା ମାତ୍ରେ ମେଘାଳୟ ପୁଲିସ ଓ ରେସକ୍ୟୁ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି। ଖଣି ଭିତରେ ଫସିଥିବା ଅନ୍ୟ ଶ୍ରମିକଙ୍କ ସନ୍ଧାନ ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ପ୍ରଶାସନ ଆଖପାଖ ଅଞ୍ଚଳକୁ ଘେରାଉ କରି ସୁରକ୍ଷା ବ୍ୟବସ୍ଥା ବଢାଇ ଦେଇଛି। ଅଧିକାରୀଙ୍କ କହିବା କଥା କେଉଁ କାରଣରୁ ବିସ୍ଫୋରଣ ଘଟିଲା ତା'ର କାରଣ ଜଣାପଡ଼ିନାହିଁ। ତଦନ୍ତ ଜାରି ରହିଛି। ପ୍ରାରମ୍ଭିକ ତଦନ୍ତରୁ ଖଣିରୁ ଗ୍ୟାସ୍ ଲିକ୍ ଓ ଯାନ୍ତ୍ରିକ ତ୍ରୁଟି କାରଣରୁ ଦୁର୍ଘଟଣା ଘଟିଥିବା କୁହାଯାଇଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ କୁହାଯାଇ ପାରିବ ବୋଲି ଅଧିକାରୀ କହିଛନ୍ତି। ଦୁର୍ଘଟଣା ପରେ ଶ୍ରମିକଙ୍କ ସୁରକ୍ଷା ଓ ଅବୈଧ ଖନନକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ପ୍ରଶାସନ ଆଶ୍ୱାସନ ଦେଇଛି ଯେ, ମାମଲାକୁ ଗୁରୁତର ସହ ତଦନ୍ତ କରାଯିବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୃତକଙ୍କ ପରିଜନକୁ ଯଥା ସମ୍ଭବ ସହାୟତା ଦିଆଯିବ।

ନିର୍ବାଚନ ପୂର୍ବରୁ ମମତାଙ୍କ ମାଷ୍ଟ୍ରର ଷ୍ଟ୍ରୋକ

ବଜେଟ୍‌ରେ ମହିଳାଙ୍କୁ ୧୭ଶହ, ବେକାରୀଙ୍କୁ ୧୫ଶହ

ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ଭତ୍ତା ୧୦୦୦ ଟଙ୍କାକୁ ବୃଦ୍ଧି



କୋଲକାତା,୫।୨: ନିର୍ବାଚନୀ ଚର୍ଚ୍ଚା ମଧ୍ୟରେ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ଗୁରୁବାର ୨୦୨୬-୨୭ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନ୍ତରୀଣ ବଜେଟରେ ୪.୦୬ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଯୁବକମାନଙ୍କୁ ବେକାରୀ ଭତ୍ତା ଏବଂ ମହିଳାଙ୍କୁ ମାସିକ ଆର୍ଥିକ ସହାୟତା ରାଶି ବୃଦ୍ଧି ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗୁରୁବାର ରାଜ୍ୟର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି।

ବଜେଟରେ ସବୁଠାରୁ ବଡ଼ ଘୋଷଣା ମହିଳା ଏବଂ ଯୁବକମାନଙ୍କ ପାଇଁ କରାଯାଇଛି। ପ୍ରତି ମାସରେ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା 'ଲକ୍ଷ୍ମୀ ଭଣ୍ଡାର ଯୋଜନା'ର ଭତ୍ତା ପ୍ରତି ମାସରେ ୫୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ରାଜ୍ୟର ବେକାରୀଙ୍କ ପାଇଁ ଯୁବ ସାଥୀ ଯୋଜନା ଘୋଷଣା କରାଯାଇଛି। ଏହା ଅଧୀନରେ, ବେରୋଜଗାର ଯୁବକମାନେ ପ୍ରତି ମାସରେ ୧୫୦୦ ଟଙ୍କା ପାଇବେ। ଲକ୍ଷ୍ମୀ ଭଣ୍ଡାର ଯୋଜନା ଅଧୀନରେ, ସାଧାରଣ ବର୍ଗର ମହିଳାମାନେ ପ୍ରତି ମାସରେ ୧୫୦୦ ଟଙ୍କା ପାଇବାକୁ ଥିବା ବେଳେ ଏସସି/ଏସଟି ମହିଳାମାନେ ପ୍ରତି ମାସରେ ୧୭୦୦ ଟଙ୍କା ପାଇବେ। ଏହି ଯୋଜନା ୨୫ ରୁ ୬୦ ବର୍ଷ ବୟସର ମହିଳାମାନଙ୍କୁ ଲାଭ ଦେବ। ୨୧ ରୁ ୪୦ ବର୍ଷ ବୟସର ବେରୋଜଗାର ଯୁବକଯୁବତୀମାନେ ସରକାରଙ୍କଠାରୁ ପ୍ରତି ମାସରେ ୧୫୦୦ ଟଙ୍କା ପାଇବେ। ଏହି ବେକାରୀ ଭତ୍ତା ଚାକିରି ନ ପାଇବା ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ପାଞ୍ଚବର୍ଷ ଉପଲବ୍ଧ ହେବ। ଏହା ବ୍ୟତୀତ, ବଜେଟରେ ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ଭତ୍ତା ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ପଶ୍ଚିମବଙ୍ଗ ବିଧାନସଭା ଅଧିବେଶନ ୨୦୨୬ ମେ ମାସରେ ଶେଷ ହେବାକୁ ଯାଉଛି। ମାର୍ଚ୍ଚ-ଏପ୍ରିଲରେ ନିର୍ବାଚନ ହେବାର ସମ୍ଭାବନା ଅଛି।

ତାମିଲନାଡୁ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିବାଦ

ଉତ୍ତର ଭାରତୀୟ କେବଳ ପାଣିପୁରୀ ବିକନ୍ତି

ଉଗ୍ରରୂପ ନେଉଛି ଭାଷା ବିବାଦ



ଚେନ୍ନାଇ,୫।୨: ତାମିଲନାଡୁରେ ଭାଷା ବିବାଦ ଥମିବାର ନାଁ

‘ଭଗବାନ ଜଗନ୍ନାଥ’ର ଇଂରାଜୀ ଓ ହିନ୍ଦୀ ସଂକଳନ ଉନ୍ମୋଚିତ

ମହିଳା ସଶକ୍ତିକରଣର ବାର୍ତ୍ତା ଦେଇଛି ‘ଲକ୍ଷ୍ମୀପୁରାଣ’: ଧର୍ମେନ୍ଦ୍ର

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାମାଜିକ ସମରସତା ଓ ନ୍ୟାୟର ଶ୍ରେଷ୍ଠ ପ୍ରତୀକ। ତାଙ୍କ ପାଖରେ ଗରିବ-ଧନୀ କିମ୍ବା ଜାତି-ବର୍ଣ୍ଣର କୌଣସି ଭେଦଭାବ ନାହିଁ ବୋଲି ଆଜି ନୂଆଦିଲ୍ଲୀର ହଜଖାସ୍‌ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ‘ଭଗବାନ ଜଗନ୍ନାଥଃ ଆଧାତ୍ମ୍ୟ ଓ ବିଜ୍ଞାନର ଏକ ବିଲକ୍ଷଣ ସଙ୍ଗମ’ର ଇଂରାଜୀ ଓ ହିନ୍ଦୀ ସଂକଳନର ଉନ୍ମୋଚନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାଗୀରଥୀ ଝାଙ୍କ ରଚିତ ଏହି ଗ୍ରନ୍ଥ ମହାପ୍ରଭୁଙ୍କ ସଂସ୍କୃତିକୁ ବିଜ୍ଞାନ ଓ ଆଧାତ୍ମିକତାର ଏକ ଅପୂର୍ବ ସମନ୍ୱୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ପରି ଏକ ପବିତ୍ର ସ୍ଥାନରେ ଏହି ଜ୍ଞାନବର୍ଦ୍ଧକ ଗ୍ରନ୍ଥର ଉନ୍ମୋଚନ ଏକ ସୌଭାଗ୍ୟର ବିଷୟ। ଲେଖକ ଶ୍ରୀ ଝା ବେଦ, ପୁରାଣ ଓ ଉପନିଷଦର ଜଟିଳ ତଥ୍ୟକୁ ଅତି ସାବଲୀଳ ଭାବେ ପରିବେଷଣ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ଏହା ବିଜ୍ଞାନ ଓ ଆଧାତ୍ମିକତାର ଏକ ବିରଳ ସଙ୍ଗମ। ପୁସ୍ତକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ



ଜଗନ୍ନାଥ ତତ୍ତ୍ୱକୁ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆଣିବ

ଏହା ପଛରେ ଥିବା ବୈଜ୍ଞାନିକ ଦୃଷ୍ଟିକୋଣକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ପୁରୀ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟରେ ରଚିତ ଏହି ଗ୍ରନ୍ଥ ଜଗନ୍ନାଥ ତତ୍ତ୍ୱକୁ ଲୋକଲୋଚନକୁ ଆଣିବା ଦିଗରେ ଏକ ବଳିଷ୍ଠ ମାଧ୍ୟମ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଅବସରରେ ସେ ଲେଖକଙ୍କ ସମେତ ପ୍ରକାଶକ ରବୀନ୍ଦ୍ର ନାଥ ପ୍ରଧାନ ଓ ସହଯୋଗୀ ଅନୁଷ୍ଠାନ ଶ୍ରୀ ନୀଳାଚଳ ସେବା ସଂଘକୁ ସାଧୁବାଦ ଜଣାଇଛନ୍ତି।

● ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍-୩ ଉଦ୍‌ଯାପିତ

ଟିମ୍ ଜଗରନଟ୍ସ ଚାମ୍ପିୟନ୍



ଅନୁଗୁଳ, ୫।୨(ସଂଚାର ବ୍ୟୁରୋ): ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ-୩ୟରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲକୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିୟନ୍ ହୋଇଛି। ଏହି ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଏକ ରୋମାଞ୍ଚକର ଲଢ଼େଇ ଦେଖିବାକୁ ମିଳିଥିଲା। ଜିନ୍ଦଲ ଷ୍ଟିଲ୍ ଅନୁଗୁଳର ବିଭିନ୍ନ ବିଭାଗର ମୋଟ ୪୨ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଟି ଦଳ ଟିମ୍ ୱାର୍କ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ। ୨୩ ଜାନୁୟାରୀରୁ ୪ ଫେବ୍ରୁୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍ ଏବଂ ଟିମ୍ ଜଗରନଟ୍ସ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଜଗରନଟ୍ସ ଦଳ ପ୍ରତିପକ୍ଷ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳ ଆଗରେ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ କରିବାରେ ସମର୍ଥ ହୋଇଥିଲା । ଫଳରେ ଜଗରନଟ୍ସ ୧୫ ରନରେ ବିଜୟୀ ହେବା ସହ ଟ୍ରଫି ହାସଲ କରିଛି । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ। ଜଗରନଟ୍ସ ଦଳର ଚିନ୍ମୟ ସାହୁ (ମ୍ୟାନ୍ ଅଫ୍ ଦି ମ୍ୟାଚ୍), ଆଦିତ୍ୟ ନାରାୟଣ (ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍) ଏବଂ ସରୋଜ ଗଡ଼ନାୟକ (ଶ୍ରେଷ୍ଠ ଅଲରାଉଣ୍ଡର)ଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳର ଅମିତ୍ ସାହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ସୌମ୍ୟକାନ୍ତ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବରେ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା।

‘ଗୋଦାନ’କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

- ଓଡ଼ିଶାରେ ଗୋ-ଅନୁସନ୍ଧାନ କେନ୍ଦ୍ର ସ୍ଥାପନା କରାଯିବ
- ଗୋଦାନ ଭଳି ଫିଲ୍ମ ଆଜିର ସମୟରେ ପ୍ରାସଙ୍ଗିକ
- ସନାତନ ଧର୍ମର ମୂଲ୍ୟବୋଧ ବୁଝାଇବାର ବାର୍ତ୍ତା ଦେଉଛି



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ହିନ୍ଦୀ ଫିଚର ଫିଲ୍ମ ‘ଗୋଦାନ’ର ପ୍ରିମିୟର ଦେଖିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଏହି ଚଳଚ୍ଚିତ୍ରକୁ ସାରା ରାଜ୍ୟରେ ‘ଟାକ୍ସ ଫ୍ରି’ ହେବ ବୋଲି ଘୋଷଣା କରିଥିଲେ। ଓଡ଼ିଶାରେ ଖୁବ ଶୀଘ୍ର ଗୋ-ଅନୁସନ୍ଧାନ କେନ୍ଦ୍ର ସ୍ଥାପନା କରାଯିବ।

‘ଗୋଦାନ’ ଏକ ସମ୍ପୂର୍ଣ୍ଣ ପାରିବାରିକ ଚଳଚ୍ଚିତ୍ର, ଯାହା ପିଲାମାନଙ୍କୁ ପିତାମାତାଙ୍କ ସହ ଯୋଡ଼ି ରଖିବା ସହ ସନାତନ ଧର୍ମର ମୂଲ୍ୟବୋଧ ବୁଝାଇବାର ଏକ ଦୃଢ଼ ବାର୍ତ୍ତା ଦେଉଛି। ଗୋଦାନ ଭଳି ପ୍ରାସଙ୍ଗିକ ସିନେମା ସାମାଜିକ ସଚେତନତା ସୃଷ୍ଟି ଏବଂ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆଜି ରିଲିଜ ହେବାକୁ ଥିବା ସିନେମାର ଏହି ପ୍ରିମିୟରରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନୋଦ କୁମାର ଚୌଧୁରୀ, ବିଧାୟକଗଣ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଯୋଗ ଦେଇଥିଲେ।

‘ସହାୟ’ର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଆଜି ‘ସହାୟ’ର ପରିଚାଳନା କମିଟି ବୈଠକ କ୍ୟାପିଟାଲ ହସ୍ପିଟାଲର ଏସ୍‌ଆଇଡିଆର୍ କ୍ୟାମ୍ପସର ସଞ୍ଜିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷତା କରି ଛାତ୍ରମାନଙ୍କ ବିକାଶରେ ‘ସହାୟ’ର ପ୍ରୟାସକୁ ପ୍ରଶଂସା କରିଥିଲେ ଓ ବୌଦ୍ଧିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ସେବାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ସମର୍ଥନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ‘ସହାୟ’ର କାର୍ଯ୍ୟକ୍ରମ ଓ ଭବିଷ୍ୟତ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭାରତୀୟ ରେଡକ୍ରସ୍ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ଅଧୀନରେ କାର୍ଯ୍ୟ କରୁଥିବା ‘ସହାୟ’ କଟକ ମଙ୍ଗଳାବାଗରେ ବୌଦ୍ଧିକ ଅକ୍ଷମ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ, ଏକ ବୃତ୍ତିଗତ ତାଲିମ କେନ୍ଦ୍ର ଓ ଏକ ଚିକିତ୍ସା ୟୁନିଟ୍ ପରିଚାଳନା କରୁଛି। ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଆରଏସ. ଗୋପାଳନ ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକଟି ‘ସହାୟ’ର ଅବୈତନିକ ସଚିବ ମୃଣାଳିନୀ ପାଢ଼ୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଓ ‘ସହାୟ’ର କୋଷାଧ୍ୟକ୍ଷ ଇନା ପୁରୋହିତଙ୍କ ଦ୍ୱାରା ବରିଷ୍ଠ ଅଧିକାରୀ ଓ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା।

ସ୍ୱଚ୍ଛ ସର୍ବେକ୍ଷଣ ଚିନ୍ତା

ବିଏମ୍‌ସିର ଦକ୍ଷତା ବିକାଶ ତାଲିମ ଶିବିର

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ପ୍ରତ୍ୟେକ ୱାର୍ଡ ତଥା ଗଳିକନ୍ଦିରେ ପରିମଳ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ପାଇଁ ଆଜି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ସହ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ସହକାରୀ କମିଶନର ସୁଶ୍ରୀ ସ୍ମୃତିରେଖା ସ୍ୱାଇଁଙ୍କ ସହ ପରିମଳ ନିରୀକ୍ଷକ, ସ୍ୱଚ୍ଛ ସୁପରଭାଇଜର, ବିଏମ୍‌ସି ଦ୍ୱାରା ନିୟୋଜିତ ବିଭିନ୍ନ ଏଜେନ୍ସିର କର୍ମକର୍ତ୍ତା, ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ମାସରେ ୪ ଥର ଗଣସଫେଇ ଅଭିଯାନ ପ୍ରତ୍ୟେକ ଏଜେନ୍ସି କରିବା ପାଇଁ ଅତିରିକ୍ତ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ଏଜେନ୍ସିର କର୍ମଚାରୀ ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଉଥିବାରୁ ଏବେ ପୂର୍ବାପେକ୍ଷା ଅଧିକ ଲୋକ ଓଦା ଓ ଶୁଖିଲା ବର୍ଜ୍ୟ ପୃଥକ୍ ଭାବେ ଦେଉଛନ୍ତି। ଆଗକୁ ବସନ୍ତ ଋତୁ ଆସୁଥିବାରୁ ଗଛଗୁଡ଼ିକ ପତ୍ରଝଡ଼ା ଦେବାକୁ ଥିବାରୁ ସ୍ୱଚ୍ଛକର୍ମୀମାନେ ଦୈନିକ ୬ରୁ ୮ ଘଣ୍ଟା କାମ କରିବା ସକାଶେ ସେ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛ ସର୍ବେକ୍ଷଣରେ ଏଥର ବିଏମ୍‌ସି ଯେପରି ୧ ନମ୍ବର ହେବ, ସେନେଇ କାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

● ମୋଦିଙ୍କୁ ରାହୁଲଙ୍କ ସମାଲୋଚନା

ସତକୁ ଡରି ମିଛର ପ୍ରଶୟ ନେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୫।୨: କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧି ଗୁରୁବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ପାଲଟା ଆକ୍ରମଣ କରିଛନ୍ତି। କହିଛନ୍ତି ମୋଦି ରାଜ୍ୟସଭାକୁ ସମ୍ବୋଧିତ କରିବା ବେଳେ ମିଥ୍ୟାର ଆଶ୍ରୟ ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ରାହୁଲ ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି। ଉଲ୍ଲେଖ କରିଛନ୍ତି ମାତ୍ର କିଛି ପ୍ରଶ୍ନକୁ ଏତେ ଡର ? ମୋଦିଜୀ ସତକୁ ଏତେ ଡରୁଛନ୍ତି ଯେ, ମିଥ୍ୟାର ସାହାରା ନେଇଛନ୍ତି। ତେବେ ଠିକ୍ ଅଛି ମୁଁ ବି ସେଇଆ କରୁଛି ଯାହା ମୋତେ ଠିକ୍ ଲାଗୁଛି। ରାଜ୍ୟସଭା ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ୟୁପିଏ ସରକାରକୁ ଟାର୍ଗେଟ କରିଥିଲେ ଓ କହିଥିଲେ ଏନଡିଏ ସରକାରର ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯିଏ ଏକ ଦଶନ୍ଧୀରୁ ଅଧିକ ସମୟ ସରକାରରେ ଅଛି, ଅତୀତର ଭୁଲ ସୁଧାରିବାରେ ବ୍ୟତୀତ କରିଛି। ରାଜ୍ୟସଭାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଆରମ୍ଭ ହେବାର କିଛି ସମୟ ପରେ ବିରୋଧୀ ଦଳ କକ୍ଷ୍ୟତ୍ୟାଗ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ୧୦୦ ମିନିଟ୍ ର ଭାଷଣରେ ଗାନ୍ଧି ପରିବାରର କେତେକ ସଦସ୍ୟଙ୍କୁ ଉଲ୍ଲେଖ କରିଛନ୍ତି ଓ ସେମାନେ ମହାତ୍ମା ଗାନ୍ଧିଙ୍କ ସାଙ୍ଗିଆ (ଟାଇଟେଲ) ଚୋରାଇ ନେଇଥିବାର ଅଭିଯୋଗ କରିଛନ୍ତି।

କେରଳରୁ ବିପୁଳ ବିସ୍ଫୋରକ ଜବତ



ତିରୁଭନନ୍ତପୁରମ,୫।୨: କେରଳର ପାଲକ୍କଡ ସାଉଥ୍ ପୁଲିସ ହାତରେ ଲାଗିଛି ବିପୁଳ ବିସ୍ଫୋରକ ସାମଗ୍ରୀ। ଯାହାକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି-ଲରିରେ ଚୋରା ଚାଲାଣ କରାଯାଉଥିଲା। ବୁଧବାର ରାତି ପ୍ରାୟ ୯ଟାରେ ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ୟକ୍କାରା ସର୍ଭିସ ରୋଡରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେଜିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି। ଲରି ତଳେ ଶହେରୁ ଅଧିକ ବାକ୍ସ ଲୁଚାଯାଇଥିଲା, ଯାହା ତରଭୁଜରେ ପୂର୍ଣ୍ଣ ଦେଖାଯାଉଥିଲା, ଯେଉଁଥିରେ ପ୍ରାୟ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଏବଂ ୪ ହଜାର ୮ଶହ ଡେଟୋନେଟର ରଖାଯାଇଥିଲା। ଏନେଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

ସ୍କୁଲରେ ପଢ଼ାଉଥିବା ବେଳେ ଶିକ୍ଷକଙ୍କ ମୃତ୍ୟୁ

କନ୍ଧମାଳ,୫।୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରୀ ପଞ୍ଚାୟତର ଗଞ୍ଜୁଗାଁ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଆଜି ପିଲାମାନଙ୍କୁ ପାଠ ପଢ଼ାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାନୁସାରେ, ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ପିଲାମାନଙ୍କୁ ପ୍ରାର୍ଥନା କରାଇବା ପରେ ଶ୍ରେଣୀ ଗୃହକୁ ଆସି ଚେୟାରରେ ବସି ଅଚେତ ହୋଇ ପଡିଥିଲେ। ପିଲାମାନେ ଗାଁ ଲୋକଙ୍କୁ ଖବର ଦେବା ପରେ ଗାଁ ଲୋକେ ତାଙ୍କୁ ଗୋଛାପଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଖବର ପାଇ ଗୋଛାପଡ଼ା ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତାଙ୍କର ପରିବାର ଲୋକଙ୍କୁ ଖବର ଦେଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶାରୁ...

ସଂଖ୍ୟା ନାହିଁ। କିନ୍ତୁ ଦୁଇ ଦଳ ମିଳିତ ଭାବେ ପ୍ରାର୍ଥୀ ଦେଲେ ଦିଲ୍ଲୀପ ରାୟଙ୍କ ବିଜୟ ସମ୍ଭାବନା ରହିଛି।

ଦଳ ମଧ୍ୟରେ ଏନେଇ ଜାତୀୟ ସ୍ତରରେ ଏକାଧିକ ଥର ବୈଠକ ହୋଇଥିବା ଜଣାପଡ଼ିଛି। ରାଜ୍ୟ ନେତୃତ୍ୱ ସହ ମଧ୍ୟ ଏ ବାବଦରେ ଆଲୋଚନା ସରିଛି। ରାଜ୍ୟ ବିଜେପିରୁ ବହୁ ନେତା ରାଜ୍ୟସଭାକୁ ଯିବାକୁ ଆଗ୍ରହୀ ଅଛନ୍ତି। କିନ୍ତୁ ରାଷ୍ଟ୍ରୀୟ ସଭାପତି ଓ ଆଦିବାସୀ ମହିଳା ପ୍ରାର୍ଥୀଙ୍କ ପାଇଁ ସମସ୍ତେ ଏକପ୍ରକାର ରାଜି ହୋଇଥିବା ଜଣାପଡ଼ିଛି। ସେହିପରି ଦିଲ୍ଲୀପ ରାୟ ବହୁ ପୂର୍ବରୁ ଦଳର ବିଭିନ୍ନ ନେତୃତ୍ୱ ମହଲରେ ଆଲୋଚନା କରିଛନ୍ତି। ତେଣୁ ତାଙ୍କ ବାଟ ମଧ୍ୟ ପ୍ରାୟତଃ ସ୍ପଷ୍ଟ। ଯଦିଓ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନାହିଁ, ଦଳର କୋର ଟିମରେ ଆଲୋଚନା ବୃତ୍ତାନ୍ତ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ବଢ଼ିବ...

ମଧ୍ୟରେ ହୋଇଥିବା ନୂତନ ବାଣିଜ୍ୟ ଚୁକ୍ତି ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁଏକ ନୂଆ ପରିଚୟ ଦେବ। ଶୁଳ୍କ ହ୍ରାସ ଯୋଗୁଁ ଆମେରିକା ବଜାରରେ ଓଡ଼ିଶାର ଚିଙ୍ଗୁଡ଼ି, ମାଛ ଓ ସାମୁଦ୍ରିକ ଖାଦ୍ୟର ଚାହିଦା ବୃଦ୍ଧି ପାଇବ। ଏହାଦ୍ୱାରା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀ ଓ ଚାଷୀମାନଙ୍କ ଆୟ ବଢ଼ିବା ସହ ଓଡ଼ିଶା ‘ବ୍ଲୁ-ଇକୋନୋମି’ର ଏକ ପ୍ରମୁଖ କେନ୍ଦ୍ର ପାଲଟିବ ବୋଲି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇ ଦିନ ତଳେ ଟ୍ରମ୍ପ ସରକାର ପାରସ୍ପରିକ ଟାରିଫ୍‌କୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି। ସେହିଭଳି ଋଷିଆଠାରୁ ତୈଳ ଆମଦାନୀକୁ ନେଇ ଟ୍ରମ୍ପ୍ ଲଗାଇଥିବା ଅତିରିକ୍ତ ୧୫ ପ୍ରତିଶତ ଟାରିଫକୁ ମଧ୍ୟ ଆମେରିକା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିନେଇଛି। ମୋଟାମୋଟି ଭାବେ ଆମେରିକା ଟାରିଫ୍‌ରେ ମୋଟ ୩୨ ପ୍ରତିଶତ ହ୍ରାସ କରିଛି।

ମୋକିମ୍‌ଙ୍କ...

ଅଣ୍ଟା ଭିଡ଼ିଛନ୍ତି। ଆସନ୍ତା ମାସରେ ନୂଆ ଦଳକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଲାଗିପଡ଼ିଥିବା ବେଳେ ଏଥିପାଇଁ ଦୁଇଟି ନାଁ ସେ ଚୟନ କରିଛନ୍ତି। ତେବେ ମଜାର କଥା ହେଉଛି, ଏହି ଦୁଇଟିଯାକ ନାଁରେ କଂଗ୍ରେସ ଯୋଡ଼ାଯାଇଛି। ତେଣୁ ମୋକିମଙ୍କ ନୂଆ ଦଳ କଂଗ୍ରେସକୁ ଭଲ ପାଉଥିବା ନେତାମାନଙ୍କୁ ନେଇ ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

ନୂଆ ଦଳ ଅଭିଯାନରେ ବାହାରିଥିବା ମୋକିମ ପ୍ରଥମେ ନିଜ ବଳରେ ଯୁବ ସମାବେଶ କରିଥିଲେ। ଏହାପର

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କର୍କଟ ନିରାକରଣ ଅଭିଯାନ



ବହୁବିଧ ବିଭାଗ, ଟ୍ୟୁମର ବୋର୍ଡ ଓ ପେନ୍ ଆଣ୍ଡ ପାଲିଆଟିଭ କେୟାର ଲଢ଼େଇରେ ସାମିଲ

ଭୁବନେଶ୍ୱର,୫।୨ (ସଂଚାର ବ୍ୟୁରୋ): କର୍କଟ ଭଳି ଦୁଃସାଧ ବ୍ୟାଧିକୁ ପରାସ୍ତ କରିହେବ। ଜୀବନ ଯୁଦ୍ଧରେ ଲଢୁଥିବା କର୍କଟ ରୋଗୀକୁ ଜିତାଇ ଆଣି ମୁହଁରେ ହସ ଫୁଟାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍। ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ, ଅଭିଜ୍ଞ ଡାକ୍ତରୀ ଟିମ୍ ଏବଂ ଉପଯୁକ୍ତ ସେବା ଓ ଯତ୍ନକୁ ଏକତ୍ରିତ ଭାବେ ଏହି କର୍କଟ ବିରୁଦ୍ଧ ଲଢ଼େଇରେ ସାମିଲ କରିଛି ପ୍ରସିଦ୍ଧି ଲାଭ କରିଥିବା ଏହି ହସ୍ପିଟାଲ୍।

ବୁଧବାର ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ବିଶ୍ୱ କର୍କଟ ଦିବସରେ କର୍କଟ ରୋଗକୁ ପରାସ୍ତ କରିବା ପାଇଁ କିଭଳି ମହତ ପ୍ରୟାସ କରାଯାଉଛି ସେ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ହସ୍ପିଟାଲ୍ କର୍ତ୍ତୃପକ୍ଷ।

ହସ୍ପିଟାଲର ମେଡିକାଲ୍ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି, ରେଡିଏସନ ଅଙ୍କୋଲୋଜି, କ୍ଲିନିକାଲ୍ ହେମାଟୋଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ୍, ପେଡ଼ିଆଟ୍ରିକ୍ ହେମାଟୋଅଙ୍କୋଲୋଜି, ପେନ୍ ଆଣ୍ଡ ପାଲିଆଟିଭ କେୟାର ବିଭାଗ ସମେତ ମଲିକ୍ୟୁଲାର ଆଣ୍ଡ ଜେନେଟିକ ଲ୍ୟାବ ଓ ହିଷ୍ଟୋପାଥୋଲୋଜି ଲ୍ୟାବ ମିଳିତ ଭାବେ କର୍କଟ ରୋଗୀଙ୍କର ଚିକିତ୍ସା କ୍ଷେତ୍ରରେ ସାମିଲ ହୋଇ ରୋଗୀଙ୍କ ରୋଗ ଚିହ୍ନଟ ଠାରୁ ଆରମ୍ଭ କରି ସେମାନଙ୍କ ଚିକିତ୍ସା ଓ ସେମାନଙ୍କୁ ସୁସ୍ଥ ଓ କ୍ୟାନ୍ସର ମୁକ୍ତ କରିବାରେ ସମସ୍ତ ସାହାଯ୍ୟ ଓ ସହଯୋଗ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ ଯୋଗ ଦେଇ ଦୃଢ଼ତା ଓ ବିଶ୍ୱାସ ବଳରେ କର୍କଟକୁ ପରାସ୍ତ କରାଯାଇ ପାରିବ ବୋଲି କହିଥିବା ବେଳେ ନର୍ସିଂ ଚିକିତ୍ସାର ଅନେକ ପ୍ରଶଂସା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ହାସ୍ୟ ଅଭିନେତା ଶଙ୍କର ପ୍ରଧାନ ସମସ୍ତଙ୍କୁ ହସାଇବା ସହ ହସ ହେଉଛି କର୍କଟ ରୋଗୀଙ୍କ ମୁଖ୍ୟ ଔଷଧ ବୋଲି କହିଥିଲେ। ସେହିପରି କଣ୍ଠଶିଳ୍ପୀ ଅଂଶୁମାନ ନାୟକ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ଝୁମାଇଥିଲେ। ଅଂଶୁମାନ କ୍ୟାନ୍ସର ରୋଗୀଙ୍କ କ୍ଷେତ୍ରରେ ମ୍ୟୁଜିକ୍ ଥେରାପି ଅନେକ ସହାୟ ହେଉଥିବା ବେଳେ ରୋଗୀମାନେ ଅଧିକ ମାତ୍ରାରେ ସଙ୍ଗୀତ ଶୁଣନ୍ତୁ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ କର୍କଟ ପରି ଦୁଃସାଧ ରୋଗ ସହ ଲଢୁଥିବା କୁନି କୁନି ପିଲାଙ୍କ ଦ୍ୱାରା ର‍ୟାମ୍ପ ସୋ, ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା।

ଶୁଦ୍ଧିକ୍ରିୟା ପାଇଁ ସହାୟତା କଲା ଶ୍ୟାମସୁନ୍ଦର ବିଜେପି



ନୀଳଗିରି,୫।୨ (ସଂଚାର ବ୍ୟୁରୋ): ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଂଚାୟତ କଣ୍ଟିଆଟିକର ଗ୍ରାମର ମୃତ୍ୟୁଞ୍ଜୟ ମହାକୁଡ଼ଙ୍କ ସ୍ତ୍ରୀ ଲିଜାରାଣୀ ମହାକୁଡ଼ ଗତ ୧୯ତାରିଖ ଦିନ ରୋଷେଇ କରୁଥିବା ବେଳେ କାଠ ଚୁଲିର ନିଆଁରେ ତାଙ୍କ ଶରୀର ପୋଡି ଯାଇଥିଲା । ଲିଜା ରାଣୀ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ତାରିଖ ଦିନ ମୃତ୍ୟୁବରଣ କରିଥିଲେ। ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହଯୋର ହାତ ବଢ଼ାଇଛି ଶ୍ୟାମସୁନ୍ଦରପୁର ବିଜେପି। ପୂର୍ବରୁବି ଚିକତ୍ସା ପାଇଁ ସହଯୋଗ କରିଥିଲେ। ଆଗାମୀ ଦିନରେ କିପରି ସରକାରୀ ସହାୟତା ପାଇବେ ତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟଙ୍କୁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ସମାଜସେବୀ ବସନ୍ତ ରାଉଳ, ପଂଚାୟତ ବିଜେପି ସଭାପତି ମାନସ ରଞ୍ଜନ ପୁଷ୍ଟିଙ୍କ ସହ ଅନ୍ୟ ବରିଷ୍ଠ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

ଗୋରୁ ମାଂସ ବୋଝେଇ କାର ଦୁର୍ଘଟଣା: ଚାଳକ ମୃତ



ଧାମନଗର,୫।୨ (ସଂଚାର ବ୍ୟୁରୋ): ସରକାର ଗୋ-ଚାଲାଣ ରୋକିବା ପାଇଁ କଠୋର ପଦକ୍ଷେପ ନେଉଥିବା ବେଳେ, ଗୋ ତସ୍କରମାନେ ବିଭିନ୍ନ ଉପାୟରେ ଗୋ-ଚାଲାଣ କରୁଥିବାର ଦେଖିବାକୁ ମିଳୁଛି। କେତେ ବେଳେ ତେଲ ଟ୍ୟାଙ୍କର ଭିତରେ ତ କେତେବେଳେ ଦିନଦ୍ୱିପହରେ ଗୋରୁ କାଟି ମାଂସ ଚାଲାଣ କରୁଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ଧାମନଗର ଅଞ୍ଚଳରେ। ଆଜି ଗୋଟେ ପଟେ ଖାନକା ସରିଫ ପରିସରରେ ପବିତ୍ର ସବ୍‌ବେରାତ ପର୍‌ବ୍ଧ ଜିଲ୍ଲା ପୁଲିସର କଡା ସୁରକ୍ଷା ଭିତରେ ପାଳନ ହେଉଥିବା ବେଳେ ପ୍ରବଳ ଜନସମାଗମର ଫାଇଦା ନେଇ ଧାମନଗରର ଗୋ-ତସ୍କରମାନେ ଆଜି ସକାଳ ୫ଟା ସମୟରେ ଓଆର୍‌୦୫ଏ ଏଚ୍‌୯୫୭୫ଏକ କାରରେ ୭୦୦କେଜିରୁ ଅଧିକ ଗୋରୁ ମାଂସ ବୁଝେଇ କରି ଅତି ଦ୍ରୁତ ଗତିରେ କଲିକତା ଅଭିମୁଖେ ୧୬ନଂର ଜାତୀୟ ରାଜପଥରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବିଷ୍ଣୁପୁର ଛକ ନିକଟରେ ବ୍ରେକଡାଉନ ହୋଇ ଛିଡା ହୋଇଥିବା ଏକ ୧୨ଚକିଆ ଟ୍ରକର ପଛ ପଟକୁ ପିଟିବା ଫଳରେ କାରଟିର ସମୁଖ ଭାଗ ସଂପୂର୍ଣ ଭାଙ୍ଗିଯିବା ସହିତ ଉକ୍ତ ଗାଡିଟିର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଚାଳକଙ୍କ ଘର ଧାମନଗର ଅଞ୍ଚଳର ବୋଲି ଜଣାପଡିଛି।

ଦୟନୀୟ ଅବସ୍ଥାରେ ସହରର ସାଧାରଣ ଶୌଚାଳୟ

ଛତ୍ରପୁର,୫।୨ (ସଂଚାର ବ୍ୟୁରୋ): ଗଞ୍ଜାମ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ-ବନ୍ଧୁତାପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଏନଏସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସାଧାରଣ ଶୌଚାଳୟ ଓ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯାଇଥିଲା। କିନ୍ତୁ ଜନପ୍ରତିନିଧିଙ୍କ ଅନ୍ତରିକତାର ଅଭାବ ଓ ଏନଏସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ ମନୋଭାବ ଫଳରେ ଏହି ପ୍ରୟାସ ବର୍ତ୍ତମାନ ସାଧାରଣ ଲୋକଙ୍କ ମଧ୍ୟରେ ଭାରି ସମାଲୋଚନାର ଶିକାର ହୋଇଛି।

ସରକାରୀ ଯୋଜନା ଅନ୍ତର୍ଗତ ଏହି ପ୍ରକଳ୍ପଗୁଡ଼ିକ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିବା ସତ୍ତ୍ୱେ, ନିୟମିତ ରକ୍ଷଣାବେକ୍ଷଣ ନଥିବାରୁ ବର୍ତ୍ତମାନ ସେଗୁଡ଼ିକର ଅବସ୍ଥା ଦୟନୀୟ ଓ ଗଭୀର ଚିନ୍ତାର କାରଣ ହୋଇପଡ଼ିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗଞ୍ଜାମ ବଡବଜାର ଅଞ୍ଚଳରେ ନିର୍ମିତ ସାଧାରଣ ଶୌଚାଳୟ ଓ ଯାତ୍ରୀ ବିଶ୍ରାମଗାର। ଆଡ଼ମ୍ବରପୂର୍ଣ୍ଣ ଭାବେ ଉଦଘାଟିତ ହୋଇଥିବା ଏହି ଶୌଚାଳୟ ଓ ବିଶ୍ରାମଗାରଗୁଡ଼ିକ ଏବେ ଅଦରକାରୀ ହୋଇପଡ଼ିଛି। ଦୀର୍ଘଦିନ ଧରି ପାଣି ଯୋଗାଣ ବନ୍ଦ ରହିଥିବାରୁ ଶୌଚାଳୟ ଭିତରେ ଓ ଚାରିପାଖରେ ଅସହ୍ୟ ଦୁର୍ଗନ୍ଧ ହେଉଛି। ଏପରି ପରିସ୍ଥିତିରେ ଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକମାନେ ଏହି ସ୍ଥାନକୁ ବ୍ୟବହାର କରିବାରୁ ମୁହଁ ଫେରାଉଛନ୍ତି। ଯାହା ସହରର ସ୍ୱଚ୍ଛତା ବ୍ୟବସ୍ଥା ଓ ସାର୍ବଜନୀନ ଛବି ଉପରେ ଗଭୀର ପ୍ରଭାବ ପକାଉଛି।

ସେହିପରି ଗଞ୍ଜାମ ମିନି ଷ୍ଟାଡିୟମ ନିକଟରେ ନିର୍ମିତ ବ୍ୟବହୁଳ ଓପନ ଶୌଚାଳୟ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସହରରେ ନିର୍ମିତ ଅନେକ ମିନି ଶୌଚାଳୟ (ଲୁ) ସମ୍ପୂର୍ଣ୍ଣ ଭାବେ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବାରୁ ସାଧାରଣ ଲୋକେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଚିନ୍ତାଜନକ ବିଷୟ ହେଉଛି— ଆସନ୍ତା କିଛି ଦିନ ପରେ ଗଞ୍ଜାମର ପ୍ରସିଦ୍ଧ ଦୋଳଯାତ୍ରା ଆୟୋଜିତ ହେବ। ଏହି ସମୟରେ ଦୂରଦୂରାନ୍ତରୁ ହଜାରହଜାର ଶ୍ରଦ୍ଧାଳୁ ଓ ଯାତ୍ରୀ ଗଞ୍ଜାମକୁ ଆସିବେ। ଏପରି ପରିସ୍ଥିତିରେ ସହରର ସାଧାରଣ ଶୌଚାଳୟ ଓ ଓପନ ଶୌଚାଳୟ ଅଚଳ ଥିବା ଘଟଣା ନିଶ୍ଚୟ ଭାବେ ସ୍ୱଚ୍ଛତା ବ୍ୟବସ୍ଥାକୁ ନେଇ ଗଭୀର ପ୍ରଶ୍ନ ଉଠାଉଛି। ସହରବାସୀ ଏନଏସି କର୍ତ୍ତୃପକ୍ଷଙ୍କୁ ଦୋଳଯାତ୍ରା ପୂର୍ବରୁ ତତ୍କାଳ ପଦକ୍ଷେପ ନେବାକୁ ଦାବୀ କରୁଛନ୍ତି।

ହେଉନି ରକ୍ଷଣାବେକ୍ଷଣ

ଅସହ୍ୟ ଦୁର୍ଗନ୍ଧ ଯୋଗୁଁ ମୁହଁ ଫେରାଉଛନ୍ତି ଯାତ୍ରୀ



ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାରର ପ୍ରତିଷ୍ଠା ଦିବସ ପାଳନ



ଧାମନଗର,୫।୨ (ସଂଚାର ବ୍ୟୁରୋ): ଧାମନଗର ଏନ ଏ ସି ଅଧିନସ୍ଥ ହାଇସ୍କୁଲ ନିକଟରେ ପ୍ରତିଷ୍ଠିତ ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ର ପ୍ରତିଷ୍ଠା ଦିବସ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠାଗାରର ପରିଚାଳିକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ଭଦ୍ରକ,ମୁଖ୍ୟ ବକ୍ତା ଭାବେ ବାଗ୍ମିକବି ଦୟାନିଧି ମିଶ୍ର,ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସରୋଜ ମହାପାତ୍ର,ଶିକ୍ଷା ବିତ୍ ଶଚ୍ଚିକାନ୍ତ ପଞ୍ଚା,ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର,ନିରାକାର ଧଳ,ସିଦ୍ଧେଶ୍ୱର ସାମଲ,ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ,ରାଧାଶ୍ୟାମ ପଞ୍ଚା,ଅଧାପିକା ଡ.ହରିପ୍ରିୟା ସେଠୀ, ଶିକ୍ଷୟିତ୍ରୀ ସୁମତୀ ନାୟକ,ସାମ୍ବାଦିକ ସେକ ଜାଫର ଅଲ୍ଲୀ,ଦୁର୍ଗାପ୍ରସାଦ ମହାପାତ୍ର,କୁଳମଣି ବେହେରା, ସମାଜସେବୀ ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ପାଠାଗାର ପ୍ରତିଷ୍ଠା ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।ହାଇସ୍କୁଲ ଏବଂ ପାଠାଗାର କର୍ମଚାରୀ ରତିକାନ୍ତ ଓ ପୁରୁଷୋତ୍ତମ ମାହାଳିକ ପରିଚାଳନାରେ ସହଯୋଗ କରିଥିବା ବେଳେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ବାବା ସୁନ୍ଦରେଶ୍ୱର ମହାଦେବଙ୍କ ବାର୍ଷିକ ମହୋତ୍ସବ ଅବସରରେ ରକ୍ତଦାନ ଶିବିର



୪୭ ୟୁନିଟ ରକ୍ତ ସଂଗୃହିତ

କାକଟପୁର/ଅସ୍ତରଙ୍ଗ,୫।୨ (ସଂଚାର ବ୍ୟୁରୋ): ରକ୍ତଦାନ ଏକ ମହତ ଦାନ, ରକ୍ତଦାନ ହେଉଛି ଜୀବନ ଦାନ। ଏମିତି ଅନେକ ଲୋକ ଅଛନ୍ତି ଅନ୍ୟକୁ ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସବୁବେଳେ ଚେଷ୍ଟିତ। ଗୁରୁବାର ଦିନ କାକଟପୁର ବ୍ଲକ ନିକଟସ୍ଥ ପାଟସୁନ୍ଦରପୁର ଗ୍ରାମର ବାବା ସୁନ୍ଦରେଶ୍ୱର ମହାଦେବଙ୍କ ନବମ ବାର୍ଷିକ ମହୋତ୍ସବ ଅବସରରେ ଦ୍ୱିତୀୟ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜ୍ୟୋତିବ୍ରହ୍ମ ଆଡ଼ଭାନସିଂ କ୍ଲବ ତରଫରୁ ଆୟୋଜିତ ହୋଇଯାଇଛି। ଅତିଥି ଭାବେ କାର୍ତ୍ତିକ ସ୍ୱାଇଁ, କ୍ଲବ ସଭାପତି ସନ୍ତୋଷ ମହାନ୍ତି, ଶୁଭାସ ସ୍ୱାଇଁ, ରଞ୍ଜନ ସ୍ୱାଇଁ ଶିବିରକୁ ଶୁଭ ଉଦ୍ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥି ମାନେ ଏହି ରକ୍ତଦାନ ଶିବିରରେ ରକ୍ତଦାନ ଜୀବନ ଦାନ, ରକ୍ତ ଅଭାବରୁ କାହାରିକୁ ମୃତ୍ୟୁବରଣକୁ ଦେବା ନାହିଁ। ରକ୍ତଦାନ ମହାପୁଣ୍ୟ ଆଦି ବାର୍ତ୍ତାର ପ୍ରସାର ମାତ୍ରାଧିକ ହେଲେ ସମାଜରେ ଆହୁରି ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବେ ବୋଲି ମତବ୍ୟକ୍ତ କରିଥିଲେ।

ଭିନ୍ନକ୍ଷମ ଶାରୀରିକ ଚିକିତ୍ସା ଶିବିର



ବୋରିଗୁମ୍ଫା,୫।୨ (ସଂଚାର ବ୍ୟୁରୋ): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଶାରିରୀକ ଅକ୍ଷମ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଭିନ୍ନକ୍ଷମ ଶାରୀରିକ ଚିକିତ୍ସା ସିବିର ଜିଲ୍ଲା ଶିଳ୍ପ ଶିକ୍ଷା ତାଲିମ କେନ୍ଦ୍ର ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି, ଏଥିରେ ଜୟପୁର ବ୍ଲକ୍ ର ୫୦ ଜଣ ଛାତ୍ର ଛାତ୍ରୀ ଯୋଗଦାନ କରି ଶାରିରୀକ ଚିକିତ୍ସା ଲାଭ କରିଥିଲେ, ଉକ୍ତ ଶିବିର କୁ ଶ୍ରୀ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ, ଶ୍ରୀ ରାଜେନ୍ଦ୍ର ନାରାୟଣ ପାଢି ବିଭାଗୀୟ ଅଧିକାରୀ, ଶ୍ରୀ ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ, ଶ୍ରୀମତୀ ଲିପସା ମୁରଲି ସାହୁ ବୃହତ ସୁଚନା ସଂଯୋଜିକା, ଶ୍ରୀମତୀ ଦିବ୍ୟା ତେଜା ତଥ୍ୟ ପ୍ରେରଣ ଚାଳକ, ଶ୍ରୀ ଇନ୍ଦ୍ର ପ୍ରଧାନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

୯୬ ଜଣ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ



ଯାଜପୁର,୫।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ଯାଜପୁର ରୋଡସ୍ଥିତ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର ନିର୍ମାଣ ଓ ଅନ୍ୟାନ୍ୟ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ଡମି ଚେକ ମାଧ୍ୟମରେ ସହାୟତା ପ୍ରଦାନ କରିଥିଲେ। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ, ଯାଜପୁର ମୃତ୍ୟୁକାଳୀନ ସହାୟତା ବାବଦରେ ୪୩ ଜଣଙ୍କୁ ୧,୨୬,୦୦,୦୦୦ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪୪ ଜଣଙ୍କୁ ୨,୨୦,୦୦୦ ଟଙ୍କାର ସହାୟତା ରାଶି ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ମୃତ୍ୟୁକାଳୀନ ସହାୟତା ବାବଦରେ ୯ ଜଣ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ୧୮,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଛି।

ହିନ୍ଦୋଳରେ କଳରାପଡିଆ ବାଘ ଆତଙ୍କ

ଗୁହାଳେ ପଶି ୮ ମେଣ୍ଢାକୁ ଝୁଣି ମାରିଲା



ଢେଙ୍କାନାଳ,୫।୨ (ସଂଚାର ବ୍ୟୁରୋ): ହିନ୍ଦୋଳ ବନାଞ୍ଚଳ କଂସରା ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ କଳରାପଡରିଆ ବାଘ ଆତଙ୍କ। ଗାଁର କୈଳାସ ମହାକୁଡ଼ ଦୀର୍ଘବର୍ଷ ଧରି ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମେଣ୍ଢା ପାଳନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଗତକାଲି ସନ୍ଧ୍ୟାରେ ନିଜ ଗୁହାଳ ଘରେ ମେଣ୍ଢା ମାନଙ୍କୁ ଭର୍ତ୍ତି କରିଥିଲେ। ତେବେ ରାତି ଅଧରେ ଗୁହାଳ ଘର ଭିତରୁ କୈଳାସଙ୍କୁ ମେଣ୍ଢା ମାନଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା। ଚିତ୍କାର ଏଭଳି ଶୁଭିଥିଲା ଯେ କୈଳାସ ଗୁହାଳ ଘର ଭିତରକୁ ଯିବାକୁ ସାହସ କରି ନଥିଲେ। ସକାଳୁ ସକାଳୁ ଗୁହାଳ ଘର ଭିତରେ ଆଠଟି ମେଣ୍ଢା ମରି ପଡ଼ିଥିବା ସହ ଗୁହାଳ ଘର ପାଖରେ ବଡ ବଡ ପାଦ ଚିହ୍ନ ପଡିଥିବାର ଦେଖିବାକୁ ପାଇଥିଲେ। ପରେ କୈଳାସ ଏ ସମ୍ପର୍କରେ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ପାଦ ଚିହ୍ନ ଠାବ କରିବା ସହ ତଦନ୍ତ ଜାରି ରହିଛି। ପାଦଚିହ୍ନ ଦେଖିବା ପରେ ଏହା ଏକ କଳରାପଡିଆ ବାଘର ପାଦଚିହ୍ନ ବୋଲି ଅନୁମାନ କରାଯାଉଥିବା ବେଳେ ଖୁବଶୀଘ୍ର ଅଞ୍ଚଳରେ କ୍ୟାମେରା ଲଗାଯିବା ସହ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ହିନ୍ଦୋଳ ବନାଞ୍ଚଳ ଅଧିକାରୀ କୈଳାସ ଦେହୁରୀ। ତେବେ ଘଟଣା ଘଟିବା ପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ମେଣ୍ଢା ପାଳନ କରି ନିଜର ଗୁଜୁରାଣ ମେଣ୍ଢାଉଥିବା ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିବା ସହ କ୍ଷତି ପୂରଣ ଦାବି କରିଛନ୍ତି।

ବିଦ୍ୟୁତ ଉପଭୋକ୍ତା ଓ ଜିଲ୍ଲା ଓକିଲ ସଂଘର ବୈଠକ

ଟାଟା ପାୱାରର ମନମୁଖୀ କାର୍ଯ୍ୟକୁ ନେଇ ରାଜ୍ୟସ୍ତରରେ ହେବ ଆନ୍ଦୋଳନ



ଢେଙ୍କାନାଳ,୫।୨ (ସଂଚାର ବ୍ୟୁରୋ): ବିଦ୍ୟୁତ୍ ଗ୍ରାହକମାନଙ୍କ ଉପରେ ହେଉଥିବା ଶୋଷଣକୁ ପ୍ରତିହତ କରି ସ୍ମାର୍ଟ ମିଟର ଲଗାଯିବାକୁ ବନ୍ଦ କରିବା ଲାଗି ଆଜି ଅପରାହ୍ନରେ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ବୈଠକ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ବୈଠକରେ ଅଧକ୍ଷତା କରିଥିଲେ। ସ୍ମାର୍ଟ ମିଟର ଲଗାଇବା ନାଁରେ ଟାଟା କଂପାନ

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ନ୍ୟାସନାଲ୍ ଡିଫେନ୍ସ କଲେଜ୍' ପ୍ରଶିକ୍ଷାର୍ଥୀ ଅଧିକାରୀଗଣ

୫ ଦେଶର ସେନାଧିକାରୀଙ୍କ ସହ ଆଲୋଚନା



ଓଡ଼ିଶାର ଦ୍ରୁତ ବିକାଶକୁ ଭାରତୀୟ ସଶସ୍ତ୍ର ବାହିନୀର ଭୂରିଭୂରି ପ୍ରଶଂସା

ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ, ଏବଂ ନେପାଳର ସେନାବାହିନୀ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମପାଇଁ ଦେଶର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ଆମର ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡିତ ବୋଲି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୁର ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି। ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହିତ, ମୁଖ୍ୟମନ୍ତ୍ରୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡା ଏବଂ ବିପର୍ଯ୍ୟୟ ପରିଚାଳନାରେ, ଆମ ରାଜ୍ୟ ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ଉପସ୍ଥିତ ଥିଲେ।

ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ

ଯଖପୁରା ଷ୍ଟେସନରେ ଅଘଟଣ

ପୁନଃସ୍ଥାପନ ପରେ ଟ୍ରେନ ଚଳାଚଳ ସ୍ୱାଭାବିକ



କଳିଙ୍ଗନଗର,୫।୨(ସଂଚାର ବ୍ୟୁରୋ): ଆଜି ସକାଳେ କଳିଙ୍ଗନଗର ସ୍ଥିତ ଯଖପୁରା ରେଳ ଷ୍ଟେସନରେ ଚେନ୍ନାଇ ଜଲପାଇଗୁଡ଼ି ସୁପରଫାଷ୍ଟ ଏକ୍ସପ୍ରେସର ତିନୋଟି ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ହଜାର ହଜାର ରେଳଯାତ୍ରୀ। ସୂଚନା ମୁତାବକ ସକାଳ ୯ଟା ୫ ମିନିଟିରେ ଏହି ଏକ୍ସପ୍ରେସ ଟ୍ରେନଟି ପାସେଞ୍ଜର ନେଇ ଆସୁଥିବା ବେଳେ ଯଖପୁରା ଜଙ୍କସନରେ ହଠାତ ଭାରସ୍ୟମ ହରାଇଥିଲା। ଟ୍ରେନଟିର ତିନି ନମ୍ବର ବଗିର ଚକ ରେଳଧାରଣା ତଳକୁ ଖସି ଯାଇଥିଲା। ଏପରି ଭାବେ ଟ୍ରେନର ଗତି ଧୀରହେବା ବେଳକୁ ତିନୋଟି ବଗିର ଚକ ରେଳଧାରଣାରୁ ଖସି ଯାଇଥିଲା। ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ସ୍ଥାନୀୟ ଷ୍ଟେସନରେ ଥିବା କର୍ମଚାରୀ ପହଞ୍ଚିଥିଲେ। ବଗିରେ ଥିବା ପାସେଞ୍ଜରଙ୍କର କୌଣସି ଅଧିକ କ୍ଷତି ହୋଇ ନ ଥିବାବେଳେ, ସାମାନ୍ୟ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲ ନିଆଯାଇଥିଲା।

ଘଟଣାସ୍ଥଳରେ ରେଳ ଚଳାଚଳ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା। ଭଦ୍ରକରୁ ଉଦ୍ଧାରକାରୀ ଦଳ ପହଞ୍ଚି ବଗିଗୁଡିକୁ ଠିକ କରିଥିବା ବେଳେ ସ୍ଥାନୀୟ ପୁଲିସ ଅଧିକାରୀ, ତହସିଲଦାର, ରେଳ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ପରେ ପ୍ରଥମ ଜେନେରାଲ କୋଚକୁ ୧୩:୫୦ ଘଟିକା ସମୟରେ ଏବଂ ଦ୍ୱିତୀୟ ଜେନେରାଲ କୋଚକୁ ୧୪:୪୫ ଘଟିକା ସମୟରେ ପୁନଃସ୍ଥାପନ କରାଯାଇ ଟ୍ରେନ ଚଳାଚଳ ସ୍ୱାଭାବିକ କରାଯାଇଥିଲା। ଏହା ପରେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ କରାଯାଇଥିଲା। ପୂର୍ବତଟ ରେଳପଥ ଏହାର କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିବା ସହିତ ଟ୍ରେନ ସେବାଗୁଡିକର ନିରାପଦ ଏବଂ ସମୟୋଚିତ ସ୍ୱାଭାବିକତା ସୁନିଶ୍ଚିତ କରିବାରେ ଯାତ୍ରୀମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି।

ଚୌଦ୍ୱାର ଜେଲରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ଟେଣ୍ଡର ଖୋଲିବ ୬ରେ, ତାଲିକା ବୁଲୁଛି ଫେସ୍‌ବୁକରେ

କଟକ,୫।୨(ସଂଚାର ବ୍ୟୁରୋ): କଟକ ସର୍କଲ ଜେଲ (ଚୌଦ୍ୱାର) କିଛିଦିନ ହେବ ଚର୍ଚ୍ଚାରେ ରହିଛି। ବିହାରୀ ଆସାମୀଙ୍କୁ ଜେଲରୁ ଫେରାର ହେବା, ବିଚାରାଧାନ କଏଦୀର ଆତ୍ମହତ୍ୟା ଘଟଣା, ଜେଲ ଅଧୀକ୍ଷକଙ୍କ ବିରୋଧରେ ଜେଲରଙ୍କ ଥାନାରେ ଅଭିଯୋଗ କରିବା,



ଜେଲର ୪୦୦ ପୃଷ୍ଠା ନଥି ସୋସିଆଲ ମିଡିଆରେ ଘୁରି ବୁଲିବା ଆଦି ଘଟଣାକୁ ନେଇ ଚୌଦ୍ୱାର ଜେଲ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ପୁଣି ଜେଲ ପାଇଁ ବିଭିନ୍ନ ସାମଗ୍ରୀ କିଣା ବାବଦ ଟେଣ୍ଡରରେ ଫିକ୍ସିଂ ହେଉଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ କରୁଛନ୍ତି ଜେଲ ଟେଣ୍ଡର କମିଟିରେ ସଦସ୍ୟ ଥିବା ବିଧାୟକଙ୍କ ପ୍ରତିନିଧି ଏବଂ ଜଣେ ବ୍ୟବସାୟୀ।

ପ୍ରେତ୍ୟେକ ବର୍ଷ ପରି ଚୌଦ୍ୱାର ଜେଲରେ ଅନ୍ତେବାସୀଙ୍କ ଖାଦ୍ୟସମଗ୍ରୀ ପାଇଁ ଫେବୃଆରୀ ୪ରେ ଟେଣ୍ଡର ପକାଇବାର ଶେଷ ତାରିଖ ଥିବାବେଳେ ଟେଣ୍ଡର ପେପର ଖୋଲିବା ପୂର୍ବରୁ କେଉଁ ଠିକାଦାର କେଉଁ ସାମଗ୍ରୀ ସପ୍ଲାଏ କରିବେ, ତା'ର ତାଲିକା ପଦାରେ ବୁଲୁଛି। ଅବଶ୍ୟ ଏହି ତାଲିକା ସତ କି ମିଛ ତାହା ଜଣାପଡିନାହିଁ। କାରଣ ଜେଲ ଡିଆଇଜି କି ଜେଲ ଅଧୀକ୍ଷକ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ସେପଟେ ଚାଉଳ, ପରିବା, ଡାଲି ଓ ଚା ଗୁଣ୍ଡ କିଏ ଜେଲକୁ ସପ୍ଲାଏ କରିବ, ଏବେଠାରୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଜେଲ ପର୍ଚେଜ କମିଟିର ଅଧକ୍ଷ ହେଉଛନ୍ତି କଟକ ଏଡିଏମ। ଏ ସମ୍ପର୍କରେ ଏଡିଏମଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନି। ଯଦିଓ ପର୍ଚେଜ କମିଟି ଅଧକ୍ଷଙ୍କୁ କିଛି ସଦସ୍ୟ ଏ ବାବଦରେ ଅଭିଯୋଗ କରିଛନ୍ତି, ଏ ବିବାଦର ସମାଧାନ ହୋଇପାରିନି ବୋଲି ଅନ୍ୟ ସଦସ୍ୟମାନେ ଅଭିଯୋଗ କରିଛନ୍ତି।

ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୫।୨(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳନ କରାଯିବ ଓଡ଼ିଆ ପକ୍ଷ। ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସଠାରୁ ନେଇ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଗତବର୍ଷ ପ୍ରଥମ ଥର ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ଯେପରି ପାଳନ କରାଯିବ ସେ ନେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଆ ପକ୍ଷ ପାଳନ ସମୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରାଇବା ଏବଂ ଏଥିରେ ସମସ୍ତ ଜନସାଧାରଣଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରାଇବା ଉପରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ସମୟରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାର ଯୋଜନା ରହିଛି। ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣ ଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନା ଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବାର ଯୋଜନା ରହିଛି।

ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସ୍ୱତନ୍ତ୍ର ୱେବସାଇଟ ନିର୍ମାଣ କରାଯିବ। ଏଥିସହ ଓଡ଼ିଆ ପକ୍ଷ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରବାସୀ ଓଡ଼ିଆମାନଙ୍କୁ ମଧ୍ୟ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଯୋଜନା ରହିଛି।

୧୫ରୁ କଟକରେ ଜନଗଣନା

ଡିଜିଟାଲ ଫର୍ମାଟରେ ହେବ କାଉଣ୍ଟିଂ

କଟକ, ୫।୨(ସଂଚାର ବ୍ୟୁରୋ): ଫେବ୍ରୁଆରୀ ୧୫ରୁ କଟକ ଜିଲ୍ଲାରୁ ଆରମ୍ଭ ହେବ ଜନଗଣନା। ଏପ୍ରିଲ ସୁଦ୍ଧା ଘରଗଣନା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଘର କାଉଣ୍ଟିଂ ଶେଷହେବା ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ଜନଗଣନା କାର୍ଯ୍ୟକୁ ଡିଜିଟାଲ ପ୍ରକ୍ରିୟାରେ କରାଯିବା। ଏନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଏଥର ଗଣନା ସମୟରେ ଘର ମୁରବୀମାନଙ୍କ ଠାରୁ ୩୩ ପ୍ରଶ୍ନର ଉତ୍ତର ତଥ୍ୟ ଗଣନା ଅଧିକାରୀମାନେ ସଂଗ୍ରହ କରିବେ । ସଂଗ୍ରହ ତଥ୍ୟ ମଧ୍ୟରେ ଘର ସଂଖ୍ୟା, ଗୃହ, କାନ୍ଥର ନିର୍ମାଣ କେଉଁ ସାମଗ୍ରୀ ହୋଇଛି, ବ୍ୟବହୃତ କୋଠାରୀ, ଜାତି, ଲିଙ୍ଗ, ପରିବାର ସଦସ୍ୟ, ରହୁଥିବା ଦଂଖତି ତଥ୍ୟ ସଂଗ୍ରହ ହେବ। ସେହିପରି ରେଡିଓ, ଲାପଟପ୍, ସାଇକେଲ, ସ୍କୁଟର, ବାଇକ, ଚାରିଚକିଆ, ଟେଲିଫୋନ, ମୋବାଇଲ, ସ୍ମାର୍ଟଫୋନ ବ୍ୟବହାର ତଥ୍ୟ ସଂଗ୍ରହ କରାଯିବ। ଏହା ବ୍ୟତିତ ଶୌଚାଳୟ ଓ ରୋଷେଇ ଘରେ ଗ୍ୟାସ ସଂଯୋଗ ଅଛି ନା' ନାହିଁ, ପାନୀୟ ଜଳ ଓ ବିଦ୍ୟୁତ ଶକ୍ତି ଉତ୍ସ ଏବଂ ଜଳ ନିଷ୍କାସନ ଭଳି ତଥ୍ୟ ସଂଗ୍ରହ କରାଯିବ।

● ଝାରସୁଗୁଡା ପୁଲିସକୁ ବଡ଼ ସଫଳତା

ଉଦ୍ଧାର ହେଲା ୨ ଠଲକ୍ଷ ମୂଲ୍ୟର ମୋବାଇଲ



ଝାରସୁଗୁଡା, ୫।୨ (ସଂଚାର ବ୍ୟୁରୋ): ଝାରସୁଗୁଡା ପୁଲିସ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ୧୦୨ଟି ଚୋରି ମୋବାଇଲ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ଏହିସବୁ ମୋବାଇଲକୁ ସଂପୃକ୍ତ ଲୋକଙ୍କୁ ଆବଶ୍ୟକ ପ୍ରମାଣ ସହ ହସ୍ତାନ୍ତର କରିଛି ପୁଲିସ। ଏଥିପାଇଁ ନିକଟରେ ଝାରସୁଗୁଡା ପୁଲିସ ପକ୍ଷରୁ ଏକ ମୋବାଇଲ ହସ୍ତାନ୍ତର ମେଳାର ଆୟୋଜନ କରାଯାଇଥିଲା। ନିକଟ ଅତିତରେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଏସପି ଜି.ଆର ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ନିୟମିତ ଟ୍ରାକ କରାଯାଉଥିଲା। ଝାରସୁଗୁଡା ସାଇବର ସେଲ ଓ ବିଭିନ୍ନ ଥାନା ସହ ନିୟମିତ ବ୍ୟବଧାନରେ ମୋବାଇଲଗୁଡିକର ଆଇଏମଇଆଇ ଡାଟାକୁ ବ୍ଲକ ଓ ଅନବ୍ଲକ କରି ଟ୍ରାକ କରାଯାଇଥିଲା। ଯାହାର ଫଳ ସ୍ୱରୂପ ଝାରସୁଗୁଡା ଟାଉନ ଥାନା ଅଞ୍ଚଳରୁ ୧୯ଟି, ବ୍ରଜରାଜନଗର ଥାନା ଅଞ୍ଚଳରୁ ୧୪ଟି, ଝାରସୁଗୁଡା ସଦର ଥାନା ଅଞ୍ଚଳରୁ ୧୪ଟି, ବଡମାଲ ଆଞ୍ଚଳରୁ ୧୨ଟି, ବନହରପାଲି ଅଞ୍ଚଳରୁ ୯ଟି, ଲାଇକେରା ଅଞ୍ଚଳରୁ ୮ଟି, ବିମାନବନ୍ଦର ଥାନା ଅଞ୍ଚଳରୁ ୫ଟି, ବେଲପାହାଡ, କୋଲାବିରା ଓ ଓରିଏଣ୍ଟ ଥାନା ଅଞ୍ଚଳରୁ ୪ଟି ଲେଖାଏଁ ଏବଂ ରେଙ୍ଗାଲି ଥାନା ଅଞ୍ଚଳରୁ ୩ଟି ଏହିଭଳି ମୋଟ ୧୦୨ଟି ଚୋରୀ ମୋବାଇଲକୁ ଜବତ କରିଛି ଝାରସୁଗୁଡା ପୁଲିସ।

୮ରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କଟକ,୫।୨(ସଂଚାର ବ୍ୟୁରୋ): ଆସନ୍ତା ଫେବୃଆରୀ ୮ ତାରିଖରେ ବାଲିଯାତ୍ରା ତଳ ପଡିଆଠାରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ମେଳା ସକାଳ ୧୦ଘଟିକା ୩୦ ମିନିଟଠାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ସୁଭଦ୍ରା ଶକ୍ତି ଓ ସ୍ୱଦେଶୀ ମେଳା ପରିସରରେ ଏହି ମେଳା ଅନୁଷ୍ଠିତ ହେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କଟକ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ଯାକ ବ୍ଲକର ୫ମ ଶ୍ରେଣୀଠାରୁ ଯୁକ୍ତ ୩ ପାସ, ଆଇଟିଆଇ ଓ ଡିପ୍ଲୋମା ପାସ୍ କରିଥିବା ୧୮ରୁ ୩୫ ବର୍ଷର ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ନିଯୁକ୍ତିଦାତା ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ବୁକ୍ତି କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇ ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦପଦବୀ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀ ଚୟନ କରିବେ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ ଓ ପାସପୋର୍ଟ ସାଇଜ୍ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ପ୍ରାର୍ଥୀ/ପ୍ରାର୍ଥିନୀ କେବଳ କଟକ ଜିଲ୍ଲାର ହେବା ଆବଶ୍ୟକ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ୦୬୭୧-୨୩୦୦୭୭ ଓ ୦୭୬୫୬୮୩୦୧୫୦ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି ।


ଜନଗଣନା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

କଟକ,୫।୨(ସଂଚାର ବ୍ୟୁରୋ): ଆଜି କଟକ ଜିଲ୍ଲାରେ ଜନଗଣନା ସମ୍ପର୍କିତ ପ୍ରଥମ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଓ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିମ ନେଇ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହେବେ ଓ ପରେ ଏହି ଅଧିକାରୀମାନେ ଘରକୁ ଘର ଯାଇ ଗଣନା କରିବାକୁ ଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ତାଲିମ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଠିକ୍ ଓ ସୂଚାରୁରୂପେ ସମ୍ପାଦନ ଉପରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଘରଗୁଡିକ ପରିଗଣନା କରାଯିବ। ଘର ଗଣନା ସମୟରେ ଯଦି କୌଣସି ଘର ବାଦ୍ ପଡିଯାଏ, ତେବେ ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଘରକୁ ଘର ବୁଲି ସର୍ଭେ ପରେ ବାସ୍ତବ ଗଣନା କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନେ ଜିଲ୍ଲାସ୍ତରୀୟ ମାଷ୍ଟର୍ ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରିସାରିଛନ୍ତି। ଏହି ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକ୍ ସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ୍ ପ୍ରଦାନ କରିବେ ଓ ସେମାନେ ପରିଗଣନାକାରୀଙ୍କୁ ତାଲିମ୍ ଦେବେ। ପ୍ରଥମ ଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟିକରଣ ମାଧ୍ୟମରେ କରାଯିବ। ଚଳିତ ଥରର ଜନଗଣନା ଜାତିଭିତିକ ଜନଗଣନା ହେବ ବୋଲି ଜଣାପଡିଛି। ଆଜି କଟକ ଜିଲ୍ଲାର ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ୍ ତଥା ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଛିନ୍‌ତାଇ ଗ୍ୟାଙ୍ଗର ପର୍ଦ୍ଦାଫାଶ, ୩ ଗିରଫ

କଟକ,୫।୨(ସଂଚାର ବ୍ୟୁରୋ): କଟକ ସହର ଉପକଣ୍ଠରେ ଆତଙ୍କ ଖେଳାଉଥିବା ଛିନତାଇ ଗ୍ୟାଙ୍ଗର ଫ

SANCHAR
ସଂଚାର
ଶୁକ୍ରବାର ୬ ଫେବୃଆରୀ ୨୦୨୬
BUSINESS



ଦୁଇ ଦେଶ ମଧ୍ୟରେ କ'ଣ ଚୁକ୍ତି ହେଲା ?

ନୂଆଦିଲ୍ଲୀ,୫।୦୨: ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ଘୋଷଣା ହୋଇଥିଲେ ବି ଏହାର ବିଶେଷ ରିପୋର୍ଟ ତିଆରି ଜାରି ରହିଛି। କାମ ସରିଲେ ଆଗାମୀ ୪-୫ ଦିନ ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ପ୍ରତିକ୍ରିୟା ଜାରି କରି ଚୁକ୍ତି ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବେ ବୋଲି ସୂଚନା ମିଳିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ଟ୍ରେଡ୍ ଡିଲ୍ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ କ'ଣ ଡିଲ୍ ହୋଇଛି ସେ ନେଇ ସାରା ବିଶ୍ୱ ଜାଣିବାକୁ ଉତ୍କଣ୍ଠାରେ ଚାହିଁ ରହିଛି। ବିରୋଧୀମାନେ ମଧ୍ୟ ନାନା ସନ୍ଦେହ କରି ଏନେଇ ସରକାରଙ୍କୁ ଘେରିଛନ୍ତି। ମୋଦୀ ଚାପରେ ଟ୍ରମ୍ପଙ୍କୁ ସୁହାଇଲା ଭଳି ଡିଲ୍ ଉପରେ ସାଇନ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛି। ଟ୍ରମ୍ପ ତାଙ୍କ ପୋଷ୍ଟରେ ଏକାଧିକ କଥା କହିଥିଲେ। ଏବଂ ଟାରିଫ ୫୦ ରୁ ୧୮% କରିଦିଆଗଲା ବୋଲି ଘୋଷଣା କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଖାଲି ଧନ୍ୟବାଦ ଦେଇ ପୋଷ୍ଟ କରିଥିଲେ। ହେଲେ ଡିଲ୍ର ବିଷୟରେ କୌଣସି ତଥ୍ୟ ଦେଇ ନଥିଲେ।ଡିଲ୍ର ସମୟସୀମା ବିଷୟରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ମଧ୍ୟଭାଗରେ ସ୍ୱାକ୍ଷରିତ ହେବ। ମିଳିତ ବିବୃତ୍ତି ପରେ, ଆମେରିକା ଭାରତ ଉପରେ ଶୁଳ୍କକୁ ୧୮% କୁ ହ୍ରାସ କରିବା ପାଇଁ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିବ ବୋଲି ଗୋୟଲ କହିଛନ୍ତି।

ଟ୍ରେଡ୍ ଡିଲ୍‌ରେ କୃଷି କ୍ଷେତ୍ର ସୁରକ୍ଷିତ କି ?

ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କ୍ଷେତ୍ର ଯଥା- କୃଷି, ଦୁଗ୍ଧ ଓ ମତ୍ସ୍ୟଚାଷକୁ ସୁରକ୍ଷିତ ରଖାଯାଇଛି ବୋଲି ବିଶେଷ ସୂତ୍ରରୁ ତଥ୍ୟ ନେଇ ବିଭିନ୍ନ ମିଡିଆରେ ଖବର ପ୍ରକାଶ ପାଇଛି। ଏହିସବୁ ସେକ୍ଟରକୁ ନେଇ ଆମେରିକା ସହିତ ମତାନ୍ତର ରହୁଥିବାରୁ ଟ୍ରେଡ୍ ଡିଲ୍ ବିଳମ୍ବ ହୋଇଥିଲା। ଏହା ବାଦ୍ ଡିଲ୍ ପାଇଁ ମୋଦୀ ଟ୍ରମ୍ପଙ୍କୁ କଲ୍ କି ମେସେଜ୍ କରି ନଥିବାରୁ ଟ୍ରମ୍ପଙ୍କ ଅହଂକାରକୁ ବାଧିଥିଲା। ଏଥିପାଇଁ ଡିଲ୍ରେ ବଳମ୍ବ ହୋଇଥିଲା ବୋଲି ଗତମାସରେ ଆମେରିକା ବାଣିଜ୍ୟ ସଚିବ ହାୱର୍ଡ ଲୁଟନିକ୍ କହିଥିଲେ। ଏପଟେ ଆମେରିକା ସହିତ କୌଣସି ଡିଲ୍ ହୋଇପାରୁ ନଥିବା ବେଳେ ଭାରତ କିନ୍ତୁ ଏହାର ବିକଳ୍ପ ବଜାର ଅନୁସନ୍ଧାନ କରିବାକୁ ଅନ୍ୟ ଦେଶଗୁଡ଼ିକ ସହିତ ବାଣିଜ୍ୟ ଚୁକ୍ତି କରିବା ଜାରି ରଖିଥିଲା।

ବାଣିଜ୍ୟ ଚୁକ୍ତିରେ ଏପର୍ଯ୍ୟନ୍ତ ଏହିସବୁ ଚୁକ୍ତି ସ୍ପଷ୍ଟ ହୋଇଛି

ଟ୍ରେଡ୍ ଡିଲ୍ ନେଇ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେଥିରେ କୌଣସି ସ୍ପଷ୍ଟତା ନଥିଲା। ଖାଲି ଶୁଳ୍କ ୫୦ ପ୍ରତିଶତରୁ ୧୮ ପ୍ରତିଶତ କରାଗଲା ବୋଲି କହିଥିଲେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରମ୍ପଙ୍କୁ ଧନ୍ୟବାଦ ଦେଇଥିଲେ। ସେ ମଧ୍ୟ କୌଣସି ଖୁଲାସା କରି ନଥିଲେ। ଟ୍ରମ୍ପ ତାଙ୍କ ଘୋଷଣାରେ ଆହୁରି କହିଥିଲେ ଯେ ଭାରତ ଋଷ ଠାରୁ ତେଲ ନ କିଣି ଆମେରିକା ଓ ସମ୍ଭବତଃ ଭେନେଜୁଏଲା ଠାରୁ କିଣିବ। ଭାରତ ଆମେରିକା ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ହେଲେ ଭାରତ ସରକାରଙ୍କ ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦେଇ ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ କୌଣସି ଟିପ୍ପଣୀ କରି ନଥିଲେ। କେବଳ ଏତିକି ନୁହେଁ, ଭାରତ ଜୁଆଡ଼େ ଆମେରିକା ଠାରୁ ୫୦୦ ବିଲିଅନ ଡଲାର ସାମଗ୍ରୀ କିଣିବାକୁ ରାଜି ହୋଇଛି।



୨୦୨୬ରେ ବଢ଼ିବ ନା ଶସ୍ତା ହେବ ସୁନା ?

ପ୍ରସିଦ୍ଧ ବୁଲଗେରିଆନ୍ ଭବିଷ୍ୟବ୍ୟକ୍ତା ବାବା ଭେଙ୍ଗା, ଚଳିତ ବର୍ଷ ପାଇଁ ଅନେକ ଭୟଙ୍କର ଚେତାବନୀ ଦେଇଥିଲେ। ସେ ଭବିଷ୍ୟବାଣୀ କରିଥିଲେ ଯେ ବିଶ୍ୱ ଏକ ଗମ୍ଭୀର ଆର୍ଥିକ ସଙ୍କଟର ସଙ୍ଗୁଖୀନ ହୋଇପାରେ, ଯାହା ଫଳରେ ନଗଦର ଘୋର ଅଭାବ ଦେଖାଦେବ। ଏହି ପରିସ୍ଥିତିରେ, ଲୋକମାନେ କାଗଜ ମୁଦ୍ରା ବଦଳରେ ସୁରକ୍ଷିତ ସମ୍ପତ୍ତି ଆଡ଼କୁ ମୁହାଁଇବା ଆରମ୍ଭ କରିବେ।

ବାବା ଭେଙ୍ଗାଙ୍କ ଅନୁସାରେ, ଏହି ସମୟକାଳ ମଧ୍ୟରେ ଲୋକମାନେ ସୁନା, ରୂପା ଏବଂ ତମ୍ବା ଭଳି ଧାତୁରେ ନିବେଶ କରିବା ଉଚିତ। ଅତୀତରେ ତାଙ୍କର ଅନେକ ଭବିଷ୍ୟବାଣୀ ସତ ବୋଲି ପ୍ରମାଣି ହୋଇଛି । ତେଣୁ ୨୦୨୬ ବର୍ଷ ପାଇଁ ତାଙ୍କର ଭବିଷ୍ୟବାଣୀ ପୁଣି ଥରେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଛି। ବର୍ତ୍ତମାନର ବଜାର ଧାରା ଉପରେ ନଜର ପକାଇଲେ, ସୁନା ମୂଲ୍ୟ ପୂର୍ବ ଅପେକ୍ଷା ଦୁଇରୁ ତିନିଗୁଣା ଭଳି ଅଧିକ ରହିଛି। ସୂଚନା ମୁତାବକ ଏମ୍‌ସିଏକ୍ସରେ ସୁନା ଦର ପ୍ରାୟ ୧.୬୯ ଲକ୍ଷ ପ୍ରତି ୧୦ ଗ୍ରାମ ମୂଲ୍ୟରେ କାରବାର ହେଉଛି । ଯାହା ୨୦୨୫ ପରଠାରୁ ପ୍ରାୟ ୫୦ ପ୍ରତିଶତ ବୃଦ୍ଧିରେ ବିକ୍ରି ହେଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିରନ୍ତର ସୁନା କ୍ରୟ କରୁଛନ୍ତି, ଏକ୍ଷେତ୍ରରେ ଭାରତର ବାର୍ଷିକ କ୍ରୟ ୧୦୦ ଟନ୍ ଅତିକ୍ରମ କରିବ ବୋଲି ଆକଳନ କରାଯାଉଛି।

ମାର୍କେଟ୍ ଖୋଲୁ ଖୋଲୁ ୫୦୦ ପଏଣ୍ଟ ହ୍ରାସ

ବଜାର ମାନ୍ଦା ଗୁରୁବାର ମାର୍କେଟ୍ ଖୋଲୁ ଖୋଲୁ ୫୦୦ ପଏଣ୍ଟ ହ୍ରାସ ପାଇଛି । ବୁଧବାର ବିଏସଇ ସେନସେକ୍ସ ୮୩,୮୧୭ରେ କାରବାର ବନ୍ଦ କରିଥିଲା । ଗୁରୁବାର ଏହା ୮୩୭୫୭ରେ ଓପନ୍ ହୋଇଥିଲା। ହଠାତ ୫୦୦ ଅଙ୍କ ଖସି ୮୩୩୧୩ ହୋଇଯାଇଛି। ସେହିପରି ନିଫ୍ଟି ମଧ୍ୟ ବୁଧବାର ୨୫୭୭୬ରେ ବନ୍ଦ ହୋଇଥିଲା । ତେବେ ଗୁରୁବାର ଏହା ୨୫୬୧୨କୁ ଖସି ଆସିଛି। କେବଳ ଭାରତରେ ନୁହେଁ ସାରା ବିଶ୍ୱର ବଜାର ଗୁରୁବାର ମାନ୍ଦା ରହିଛି।




ନୂଆଦିଲ୍ଲୀ,୫।୦୨: କ୍ରାଶ୍ କରିଯଲା ସୁନା ଏବଂ ରୁପା । ଆଉ ଥରେ ଦୁଇ ଦାମୀ ଧାତୁର ଦାମ୍ ଖସି ଯାଇଛି । ଏହାସହ ଦୁଇ ଦିନ ଧରି ଉପରକୁ ଉଠୁଥିବା ସେୟାର ବଜାର ମଧ୍ୟ ତଳକୁ ଖସିଛି । ସପ୍ତାହର ଚତୁର୍ଥ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ବିଏସଇ ସେନସେକ୍ସ ଖୋଲିବା ପରେ ୫୦୦ ଅଙ୍କ ଖସି ଯାଇଛି। ସେହିପରି ନିଫ୍ଟି ମଧ୍ୟ ୧୫୦ ଅଙ୍କ ହ୍ରାସ ପାଇଛି । ଜାପାନ, ହଙ୍ଗକଙ୍ଗ ଏବଂ ଦକ୍ଷିଣ କୋରିଆର ବଜାରରେ ହ୍ରାସ ଘଟିଛି । **ସୁନା-ରୁପା କମିଲା** କେବଳ ସେୟାର ବଜାର ନୁହେଁ, କମୋଡିଟି ମାର୍କେଟରେ ସୁନା ବଂ ରୁପା ଚକିତ କରିଛନ୍ତି। ଏମସିଏକ୍ସରେ ସୁନା ଏବଂ ରୁପା ବଜାର ଖୋଲୁ ଖୋଲୁ କ୍ରାଶ୍ କରିଛନ୍ତି । ମାର୍ଚ୍ଚ ୫ର ରୁପାର ଭବିଷ୍ୟତ ଦର ୨୪ ହଜାର କମିଛି । ସେହିପରି ସୁନା ବି ୨୪୦୦ ଟଙ୍କା ଶସ୍ତା ହୋଇଛି ।

ଇଣ୍ଟରନେଟ୍ ଯୁଗ ପରି ଆସିବ ବିପ୍ଳବ

'ଡାଟା ସେଣ୍ଟର' ଆଣିବ ନିଯୁକ୍ତିର ସୁଅ

ନୂଆଦିଲ୍ଲୀ,୫।୦୨: ଭାରତରେ ନିଯୁକ୍ତିର ବନ୍ୟା ସୃଷ୍ଟି କରିବ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)। ଆଗାମୀ ଦିନରେ 'ଡାଟା ସେଣ୍ଟର'ଗୁଡ଼ିକ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପୂର୍ବରୁ ଦେଶରେ ଇଣ୍ଟରନେଟ୍ ଆସିବା ସମୟରେ ହୋଇଥିବା ଚାକିରି ବିସ୍ଫୋରଣ ପରି ପୁଣି ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଏନଭିଡିଆ ସିଇଓ ଜେନସେନ୍ ହୁଆଙ୍ଗ ଭବିଷ୍ୟବାଣୀ କରିଛନ୍ତି।

ହୁଆଙ୍ଗଙ୍କ ଅନୁଯାୟୀ, ଗୋଟିଏ ଡାଟା ସେଣ୍ଟର ନିର୍ମାଣରେ ପ୍ରାୟ ୫,୦୦୦ ରୁ ୧୦,୦୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ମିଳିଥାଏ। ଏଥିରେ ଇଲେକ୍ଟ୍ରିସିଆନ୍, ପ୍ଲମ୍ବର ଏବଂ ନିର୍ମାଣ ଶ୍ରମିକମାନେ ସାମିଲ ଅଟନ୍ତି। ନିର୍ମାଣ ବ୍ୟତୀତ ସପ୍ଲାଏ ଚେନ୍, ଡିଜାଇନ୍, ଆର୍କିଟେକଚର ଏବଂ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ମଧ୍ୟ ବହୁ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ହେବ।



ଡାଟା ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ଏହା ଉପରେ ଆଧାରିତ ଅନେକ ନୂତନ ଷ୍ଟାର୍ଟଅପ୍ ଜନ୍ମ ନେବେ। ନିକଟରେ ୨୦୨୬ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ ଯେ, ଭାରତରେ ନିର୍ମିତ ଡାଟା ସେଣ୍ଟର ବ୍ୟବହାର କରୁଥିବା ବିଦେଶୀ କମ୍ପାନୀଗୁଡ଼ିକୁ ୨୦୪୭ ପର୍ଯ୍ୟନ୍ତ ଟ୍ୟାକ୍ସ ହଲିଡେ (କର ଛାଡ଼) ପ୍ରଦାନ କରାଯିବ। ଗୁଗଲ ଆନ୍ଧ୍ରପ୍ରଦେଶରେ ଏକ ଏଆଇ ଡାଟା ସେଣ୍ଟର ପାଇଁ $୧୫ ବିଲିୟନ ନିବେଶ କରିବାକୁ ଘୋଷଣା କରିଥିବାବେଳେ ମାଇକ୍ରୋସଫ୍ଟ ଏବଂ ଆମାଜନ ମଧ୍ୟ ଭାରତରେ ବିଲିୟନ ବିଲିୟନ ଡଲାର ନିବେଶ କରୁଛନ୍ତି।

ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଡାଟା ସେଣ୍ଟର ଭାରତ ପାଇଁ ଏକ ବଡ଼ ଶକ୍ତି ହେବ ଏବଂ ଏହା ମାଧ୍ୟମରେ ଭାରତ ସାରା ବିଶ୍ୱକୁ ନୂତନ ସେବା ଯୋଗାଇବ। ଏହି ବିକାଶ ଭାରତକୁ ବିଶ୍ୱର ଏକ ପ୍ରମୁଖ ଏଆଇ ହବ୍‌ରେ ପରିଣତ କରିବା ସହ ଅର୍ଥନୀତିକୁ ଗତିଶୀଳ କରିବ ବୋଲି ଆଶା କରାଯାଉଛି।

ତିନି ଦଶନ୍ଧିରେ ଭାରତ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ: ମୁକେଶ



ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଆଗାମୀ ୨୦-୩୦ ବର୍ଷ ମଧ୍ୟରେ ଭାରତ ୨୫ ରୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ସମ୍ଭାବନା ରଖିଛି ଏବଂ ଏହି ସମୟ ଦେଶର ଯୁବ ପିଢ଼ି ପାଇଁ ଏକ ବଡ଼ ନିବେଶ ସୁଯୋଗ ହେବ। ମୁମ୍ବାଇରେ ଅନୁଷ୍ଠିତ ଜିଓ-ବ୍ଲାକରକ୍ କାର୍ଯ୍ୟକ୍ରମ "ଇନଭେଷ୍ଟିଂ ଫର୍ ଏ ନ୍ୟୁ ଏରା"ରେ ବ୍ଲାକରକ୍ ସିଇଓ ଲାରି ଫିଙ୍କଙ୍କ ସହିତ ଏକ ଫାୟାରସାଇଡ ଆଲୋଚନାରେ, ଅମ୍ବାନୀ ଭାରତର ବିକାଶ ଯାତ୍ରାର ଏକ ସ୍ପଷ୍ଟ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ।

ଜିଓବ୍ଲାକରକ୍ ଇଭେଣ୍ଟରେ, ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତ ପାରମ୍ପରିକ ଭାବରେ ସଞ୍ଚୟର ଦେଶ ରହିଛି, କିନ୍ତୁ ବର୍ତ୍ତମାନ ନିବେଶ କରି ଦେଶର ପ୍ରଗତିରୁ ଲାଭ ଉଠାଇବାର ସମୟ ଆସିଛି। ସଞ୍ଚୟକୁ ନିବେଶରେ ପରିଣତ କରାଯିବା ଉଚିତ। ପୁଞ୍ଜି ବଜାରରେ ସଞ୍ଚୟ ଅର୍ଥ ନିବେଶ କରିବା ଦ୍ୱାରା କେବଳ ପରିବାରର ସମ୍ପତ୍ତି ବୃଦ୍ଧି ହେବ ନାହିଁ ବରଂ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ। ଲାରି ଫିଙ୍କ୍ ମଧ୍ୟ ଏହି ବିଚାରକୁ ସମର୍ଥନ କରି କହିଥିଲେ ଯେ ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ଦୀର୍ଘକାଳୀନ ଇକ୍ୱିଟି ନିବେଶ ସମ୍ପତ୍ତି ସୃଷ୍ଟିର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ। ଅମ୍ବାନୀ କହିଥିଲେ ଯେ ଭାରତର ଅଭିବୃଦ୍ଧିର ମୂଳରେ ରହିଛି ମଜଭୁତ ନୀତି, ରାଜନୈତିକ ସ୍ଥିରତା, ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ ଏବଂ ଡିଜିଟାଲ୍ କ୍ରାନ୍ତି। ୫ଜି, ଡିଜିଟାଲ୍ ଇଣ୍ଡିଆ ଏବଂ ପୁଞ୍ଜି ବଜାରର ବିସ୍ତାର ବଳରେ ଭାରତ ଦୀର୍ଘକାଳୀନ ନିବେଶ ପାଇଁ ଏକ ଆକର୍ଷକ କେନ୍ଦ୍ର ଭାବେ ଉଭା ହୋଇଛି।

କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରି ଅମ୍ବାନୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିବ। ସେ କହିଛନ୍ତି ଯେ ଏଆଇ ମାଧ୍ୟମରେ ୧୪୦ କୋଟି ଲୋକଙ୍କ ପାଇଁ ଉଚ୍ଚମାନର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ପ୍ରଭାବଶାଳୀ ସାର୍ବଜନୀନ ସେବା ସୁଲଭ ଏବଂ ସୁଗମ କରାଯାଇପାରିବ।

କାର୍ଯ୍ୟକ୍ରମରେ, ବ୍ଲାକରକ୍ ସିଇଓ ଲାରି ଫିଙ୍କ୍ ଭାରତକୁ "ଭାରତର ଯୁଗ" ଭାବରେ ବର୍ଣ୍ଣନା କରିଥିଲେ, ଯାହାକୁ ନେଇ ଅମ୍ବାନୀ କହିଥିଲେ ଯେ ଯେଉଁମାନେ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧିରେ ବିଶ୍ୱାସ କରିବେ ସେମାନେ ଆଗାମୀ ଦଶନ୍ଧିଗୁଡ଼ିକରେ ସବୁଠାରୁ ଅଧିକ ଲାଭ ପାଇବେ।

ବନ୍ଦେ ଭାରତ ସ୍ଲିପର ଟ୍ରେନରେ ମିଳିବ ଆମିଷ ଓ ନିରାମିଷ ଖାଦ୍ୟ



ନୂଆଦିଲ୍ଲୀ,୫।୦୨: ବନ୍ଦେ ଭାରତ ଏକ୍ସପ୍ରେସ୍ ପରେ ଏବେ ଦେଶରେ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ସେବା ଆରମ୍ଭ ହୋଇଛି। ବନ୍ଦେ ଭାରତ ସ୍ଲିପରରେ ଯାତ୍ରୀମାନଙ୍କୁ ଅନେକ ସୁବିଧା ମିଳୁଛି। ଦେଶରେ ବନ୍ଦେ ଭାରତ ସ୍ଲିପର ପ୍ରଥମେ ହାୱଡାରୁ କାମାକ୍ଷା ମଧ୍ୟରେ ଚାଲୁଛି । ଏହି ଟ୍ରେନରେ ଯାଉଥିବା ଯାତ୍ରୀଙ୍କ ପାଇଁ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ପୂର୍ବ ସଂସ୍କରଣ ତୁଳନାରେ ଏହି ହାଇ-ଟେକ୍ ଟ୍ରେନ୍ ରେ ଖାଇବା ବିକଳ୍ପଗୁଡ଼ିକୁ ଯଥେଷ୍ଟ ଉନ୍ନତ କରାଯାଇଛି । ଯାତ୍ରୀମାନେ ଖୁବ୍ ଶୀଘ୍ର ନିରାମିଷ ସହିତ ଆମିଷ ଖାଦ୍ୟର ସୁବିଧା ପାଇପାରିବେ। ଯାତ୍ରୀଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯାଇଛି। କେବଳ ନିରାମିଷ ଖାଦ୍ୟ ଯୋଗୁଁ ଯାତ୍ରୀମାନଙ୍କର ଅସୁବିଧା ହେଉଥିଲା । କିନ୍ତୁ ଏବେ ରେଲୱେ ଘୋଷଣା କରିଛି ଯେ, ମେନୁରେ ଆମିଷ ଖାଦ୍ୟ ସାମିଲ କରାଯାଇଛି । ଯାହା ଦ୍ୱାରା ଯାତ୍ରୀମାନେ ସେମାନଙ୍କର ପସନ୍ଦର ଖାଦ୍ୟ ଖାଇପାରିବେ। ୧୭ ଜାନୁଆରୀରେ ଆରମ୍ଭ ହୋଇଥିବା ଏହି ଟ୍ରେନରେ କେବଳ ନିରାମିଷ ଖାଦ୍ୟ ଖାଇବାକୁ ଯାତ୍ରୀମାନେ ପାଉଥିଲେ। ପଶ୍ଚିମବଙ୍ଗ ଏବଂ ଆସାମ ଭଳି ରାଜ୍ୟର ଅଧିକାଂଶ ଲୋକ ଆମିଷ ଖାଇବାକୁ ପସନ୍ଦ କରିଥାଆନ୍ତି । ଫଳରେ ଯାତ୍ରୀମାନେ ଖାଇବା ପାଇଁ ହଇରାଣ ହେଉଥିଲେ। ଏହି ପ୍ରସଙ୍ଗ ରାଜନୈତିକ ବିତର୍କକୁ ମଧ୍ୟ ଆରମ୍ଭ କରିଛି । ଯାତ୍ରୀଙ୍କ ପ୍ରତିକ୍ରିୟା ଏବଂ ଆଞ୍ଚଳିକ ସଂସ୍କୃତିକୁ ବିଚାରକୁ ନେଇ, ରେଳବାଇ ମେନୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ଫେବୃଆରୀ ୧ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ କହିଥିଲେ ଯେ, ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ରେ ଯାତ୍ରୀମାନଙ୍କୁ ଖୁବ୍‌ଶୀଘ୍ର ନିରାମିଷ ଏବଂ ଆମିଷ ବିକଳ୍ପ ମଧ୍ୟରୁ ଗୋଟିଏ ଅପସନ୍ ଦିଆଯି ।



ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୪୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୪,୪୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୪,୫୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୬,୨୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୩,୨୦୦ ଟଙ୍କା ରହିଛି ।



ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି ।

ବେଲପଡ଼ା, ଖପ୍ରାଖୋଲ, ସଇଁତଳା ଓ ଦେଓଗାଁରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ



ବଲାଙ୍ଗିର,୫।୨ (ସଂଚାର ବ୍ୟୁରୋ): ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ଆଜି ନୂତନ ଭାବେ ବଲାଙ୍ଗିର ଜିଲ୍ଲାର ବେଲପଡା, ଖପ୍ରାଖୋଲ, ସଇଁତଳା ଓ ଦେଓଗାଁରେ ସବ୍ ରେଜିଷ୍ଟାର ବା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହା ସହ "ଆମ ସାଥି" ସହାୟକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଲୋକାର୍ପଣ କରିଥିଲେ । ଜିଲ୍ଲା ମୁଖ୍ୟାଳୟର ଅସ୍ଥା ନ ବୈଠକଗୃହ ଠାରେ ଜିଲ୍ଲାପାଳ ଗୌରଙ୍ଗ ଶିୱାଜୀ ଇସଲୱାର, ଅତିରିକ୍ତ ଜିଲ୍ଲାପାଳ ପବିତ୍ର କୁମାର ବେହେରା, ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଦେବସ୍ମିତ ମଲ୍ଲିକ, ସୌମ୍ୟ ରଞ୍ଜନ ବେହେରା ଓ ସହକାରୀ ଜିଲ୍ଲାପାଳ ସରିତା ରାଣୀ ଶତପଥି, ସସ୍ମିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜନସାଧାରଣ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡି ହୋଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସରକାରୀ ସେବା ସୁବିଧା ଗୁଡିକ ପାଇ ପାରିବେ, ଏହାର ହ୍ୱାଟ୍ସଆପ୍ ନମ୍ବର ହେଉଛି ୯୪୩୭୨୯୨୦୦୦। ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ତଥା "ଆମ ସାଥି" ସେବା ଦ୍ୱାରା ଜନସାଧାରଣ ଆଉ ଦୂରରେ ଥିବା ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ପଡିବନାହିଁ। ଏଣିକି ସମ୍ପୃକ୍ତ ତହସିଲରେ ବସବାସ କରୁଥିବା ଜନସାଧାରଣ ଜମି ଘର କ୍ରୟ ବିକ୍ରୟ ଦଲିଲ ତଥା ଜମି ସଂକ୍ରାନ୍ତ, ପ୍ରମାଣପତ୍ର ସମ୍ପର୍କିତ ସମସ୍ତ ସେବା ନିଜ ନିଜ ତହସିଲରେ ପାଇପାରିବେ । ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପର୍ଯ୍ୟନ୍ତ ସବ୍ ରେଜିଷ୍ଟାର ଅଫିସ୍ ଅସ୍ଥାୟୀ ଭାବେ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

ଯାଜପୁରରେ ପୂଜ୍ୟ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଦିବ୍ୟ ପ୍ରବଚନ ୧୨ରୁ



ଯାଜପୁର,୫।୨ (ସଂଚାର ବ୍ୟୁରୋ): ଯାଜପୁରର ସମସ୍ତ ଭଗବତ୍ ପ୍ରେମୀ ଓ ଆଧ୍ୟାତ୍ମିକ ଆସକ୍ତ ଭକ୍ତମାନଙ୍କ ପାଇଁ ଆସୁଛି ଏକ ପବିତ୍ର ଅବସର। ବିଶ୍ୱବିଖ୍ୟାତ ଆଧ୍ୟାତ୍ମିକ ଗୁରୁ ଓ ପ୍ରବଚକ ପୂଜ୍ୟ ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦ ଜୀ ଆସନ୍ତା ୧୨ ଓ ୧୩ ଫେବୃଆରୀରେ ଯାଜପୁର ଗସ୍ତ କରିବେ।ଏହି ଅବସରରେ ସ୍ୱାମୀଜୀଙ୍କର ଶ୍ରୀମୁଖ ନିଃସୃତ ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନର ବ୍ୟବସ୍ଥା ଗାନ୍ଧୀ ଛକ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନରେ କରାଯାଇଛି। ଭକ୍ତମାନଙ୍କୁ ସନ୍ଧ୍ୟା ୫ଟା ୩୦ମିନିଟ୍ ମଧ୍ୟରେ ପହଞ୍ଚିବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।ପୂଜ୍ୟ ସ୍ୱାମୀ ମୁକୁନ୍ଦାନନ୍ଦ ଜୀ ବିଶ୍ୱ ମଞ୍ଚରେ ଭଗବତ୍ ଭକ୍ତି, ଆତ୍ମିକ ଶାନ୍ତି ଓ ଜୀବନ ମୂଲ୍ୟବୋଧ ଉପରେ ପ୍ରେରଣାଦାୟକ ପ୍ରବଚନ ପାଇଁ ପରିଚିତ। ସେ ବର୍ଷଭରି ବିଭିନ୍ନ ଦେଶ ଭ୍ରମଣ କରି ଭଗବତ୍ ସନ୍ଦେଶ ପ୍ରଚାର କରୁଥାନ୍ତି। ଯାଜପୁରରେ ତାଙ୍କର ଏହି ପ୍ରବଚନ କାର୍ଯ୍ୟକ୍ରମ ଭକ୍ତମାନଙ୍କ ପାଇଁ ଅମୂଲ୍ୟ ଆଧ୍ୟାତ୍ମିକ ଅନୁଭୂତି ହେବ ବୋଲି ଆଶା କରାଯାଉଛି। ସ୍ୱାମୀଜୀ ଯାଜପୁର ଯୋଡିକୁଆ ଛକ ନିକଟସ୍ଥ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରକୁ ମଧ୍ୟ ଆଗମନ କରିବେ ବୋଲି ସୂଚନା ମିଳିଛି।ରାଧାକୃଷ୍ଣ ମନ୍ଦିର ପକ୍ଷରୁ ସମସ୍ତ ଭଗବତ୍ ପ୍ରେମୀଙ୍କୁ ବିନମ୍ର ଆହ୍ୱାନ କରାଯାଇଛି। ନିଶ୍ଚୟ ଆସନ୍ତୁ, ଦିବ୍ୟ ପ୍ରବଚନର ଲାଭ ନିଅନ୍ତୁ।

ରସୁଲପୁର ଓ ଦାନଗଦିରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଲୋକାର୍ପିତ



ଯାଜପୁର,୫।୨ (ସଂଚାର ବ୍ୟୁରୋ):ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ତହସିଲରେ ୫୭ଟି ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ଏହି ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଯାଜପୁର ସମେତ ବିଭିନ୍ନ ଜିଲ୍ଲାର ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ ଓ ରାଜସ୍ୱ ସେବା ଅଧିକାରୀମାନେ ଯୋଗ ଦେଇଥିଲେ। ଏହିକ୍ରମରେ ଯାଜପୁରର ରସୁଲପୁର ଏବଂ ଦାନଗଦି ତହସିଲରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଉପନିବନ୍ଧକ ହରପ୍ରିୟା ପୃଷ୍ଟି ଏବଂ ଜିଲ୍ଲାର ରାଜସ୍ୱ ସେବା ଅଧିକାରୀମାନେ ଆଭାସି ବୈଠକରେ ଉପସ୍ଥିତ ଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୧ ଟି ନାଗରିକ କୈନ୍ଦ୍ରିକ ରାଜସ୍ୱ ସେବା ପାଇଁ "ଆମ ସାଥୀ" ଏକୀକୃତ ହ୍ୱାଟ୍ସଆପ୍ ବୋଟ ସେବାର ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଘରେ ବସି ଜନସାଧାରଣ ବିଭିନ୍ନ ସେବା ପାଇପାରିବେ।

ଖରିଫ ଧାନ ସଂଗ୍ରହ

କଳାହାଣ୍ଡି ଜିଲ୍ଲାରେ ବନ୍ଦ ହେଲାଣି ୯୦ ମଣ୍ଡି

କଳାହାଣ୍ଡି,୫।୨ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାରେ ଚଳିତ ଖରିଫ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା ଲାଗିରହିଛି। ଧାନ କିଣାକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ସେହିପରି ଜିଲାର ୧୪୦ ମଣ୍ଡିରେ ୭ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟ ପରେ ବି ଅଚଳାବସ୍ଥା ଦୂର ହେଉନି। ୬୪ଲକ୍ଷ କୁଇଣ୍ଟାଲରୁ ମଙ୍ଗଳବାର ସୁଦ୍ଧା ୧ ଲକ୍ଷ ୯ ହଜାର ୨୪୬ ଚାଷୀଙ୍କ ୫୬ ଲକ୍ଷ ୮୧ ହଜାର ୬୧୩ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠାଯାଇଛି। ସେହିପରି ପ୍ରାୟ ୭ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରଖି ଚାଷୀ ଅପେକ୍ଷା କରିଛନ୍ତି। ଜିଲ୍ଲାରେ ସମୁଦାୟ ୨୩୦ ମଣ୍ଡିରୁ ୯୦ ମଣ୍ଡିରେ ଧାନ କିଣା ଶେଷ ହୋଇଥିବାବେଳେ ଅବଶିଷ୍ଟ ୧୪୦ ମଣ୍ଡିରେ ଧାନ କିଣା ଚାଲିଛି।

ଜୁନାଗଡ଼ ବ୍ଲକର ବଣ୍ଡୋଗୁଡା ମଣ୍ଡିରେ ୬ ହଜାର ଓ କର୍ଲାମୁଣ୍ଡା ବ୍ଲକର ଜୋରାଡୋବ୍ରା ମଣ୍ଡିରେ ପ୍ରାୟ ୪ ହଜାର କୁଇଣ୍ଟାଲ ଧାନ ପଡିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଜିଲାରେ ଏପର୍ଯ୍ୟନ୍ତ ୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି। ସେଥିରୁ ୨୩୦ ମଣ୍ଡିରେ ୫୬ ଲକ୍ଷ ୮୧ ହଜାର ୬୧୩ କୁଇଣ୍ଟାଲ ଧାନ ଉଠି ସାରିଛି। ସରକାରୀ ଟାର୍ଗେଟ ଅନୁସାରେ ଆହୁରି ୭ ଲକ୍ଷ ୭୬ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ରହିଥିବାବେଳେ ଯୋଗାଣ ବିଭାଗ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଥିବା ପ୍ରକାଶ କରିଛି । ରବି ଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ପାଣି ଛାଡିବା ପରେ ଚାଷୀମାନେ ପଲା ରୁଆ ଆରମ୍ଭ କରିଥିବା ବେଳେ କିଛି ଚାଷୀ ରୁଆ କାମ ମଧ୍ୟ ଆରମ୍ଭ କଲେଣି। ହେଲେ ଏଯାଏ ମଣ୍ଡିରୁ ଖରିଫ ଧାନ ଉଠୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଉଠିପାରୁ ନ ଥିବା ଧାନକୁ ଦଲାଲମାନେ କୁଇଣ୍ଟାଲ ପିଛା ୧୭ଶହ ଟଙ୍କାରେ କିଣି ମିଲ ପଏଣ୍ଟକୁ ପହଞ୍ଚାଉଥିବା ଅଭିଯୋଗ ହୋଇଆସୁଛି। ସେମାନେ କମ ମୂଲ୍ୟରେ ଧାନ କିଣି ଚାଷୀଙ୍କ ଟୋକନରେ ବିକ୍ରି କରି ବୋନସ ଚଳୁ କରୁଥିବା ବେଳେ ଚାଷୀମାନେ ଜଳକା ହୋଇ ରହିଛନ୍ତି । ଏ ନେଇ ରାଜ୍ୟ ସରକାର ହସ୍ତକ୍ଷେପ କରି ମଣ୍ଡିରୁ ଧାନ ଉଠାଇବା ପାଇଁ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହୋଇଛି।

ଜୁନାଗଡ଼ ବ୍ଲକର ବଣ୍ଡୋଗୁଡା ମଣ୍ଡିରେ ଧାନ ଉଠୁ ନ ଥିବା ଖବର ପାଇ ସ୍ଥାନୀୟ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ସ୍ଥାନୀୟ ଚାଷୀଙ୍କ ସମସ୍ୟା ଶୁଣିବା ସହ ଶୀଘ୍ର ଏହି ମଣ୍ଡିରୁ ଧାନ ଉଠାଣ କରିବା ପାଇଁ ଜିଲାପାଳ ଓ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନରେ କହିଥିଲେ। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ମଣ୍ଡିରେ କେତେ ଧାନ ପଡ଼ିରହିଛି ରିପୋର୍ଟ ସଂଗ୍ରହ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସପ୍ତାହେ ମଧ୍ୟରେ ମଣ୍ଡିରୁ ସମସ୍ତ ଧାନ ଉଠିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।



ଏବେ ବି ପଡ଼ିରହିଛି ୭ ଲକ୍ଷ କ୍ୟୁଣ୍ଟାଲ ଧାନ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ପଦଯାତ୍ରା ଓ ବନ୍ଦେ ମାତରଂ ସମୂହ ଗାନ ପ୍ରଶିକ୍ଷଣ



ସୁବର୍ଣ୍ଣପୁର,୫।୨ (ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ସୋନପୁର ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତ ସମିତି ସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦେ ମାତରଂ ସମୂହ ଗାନ ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସୋନପୁର ବି ଡି ଓ ପ୍ରତୀକ କର ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଲୋକସଭା ସାଂସଦ ପ୍ରତିନିଧି ସାନନ୍ଦ ମେହେର, ସି ଡି ପି ଓ ସାଗରିକା ସ୍ୱାଇଁ, ସୋନପୁର ବ୍ଲକ୍ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବୈଜୟନ୍ତୀ କର୍ଣ୍ଣ, ପଞ୍ଚାୟତ ସମିତି ସଭ୍ୟ କୋଶୋଳେଶ୍ୱର ମେହେର, କୁଦୋପାଲି ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ପ୍ରଶିକ୍ଷକ ପୁଷ୍କର ରାୟ ଯୋଗ ଦେଇଥିଲେ । ସୋନପୁର ବ୍ଲକ ମଙ୍ଗଳ ସଞ୍ଚାରଣ ଅଧିକାରୀ ସୌରଭ ଦାନୀ ସଭା ମଞ୍ଚ ପରିଚାଳନା କରି ଥିଲେ। ବ୍ଲକ ଛକ ରୁ ଆମ୍ବେଦକର ଛକ ଯାଏ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋନପୁର ବ୍ଲକ୍ ସ୍ତରୀୟ ପଦଯାତ୍ରାରେ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିବା ବେଳେ ବନ୍ଦେ ମାତରଂ ସମୂହ ଗାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୨୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ ।

ସରକାରୀ ଜମି ଦଖଲକାରୀଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

ତିର୍ତ୍ତୋଲ,୫।୨ (ସଂଚାର ବ୍ୟୁରୋ): ତିର୍ତ୍ତୋଲ ନିରୀହ ଗ୍ରାମବାସୀଙ୍କ ପାଇଁ ସରକାରୀ ଅଧିକାରୀ ପାଲଟିଛନ୍ତି ନିରବଦ୍ରଷ୍ଟା। ବାରମ୍ବାର ଅଭିଯୋଗ କଲେ ବି ସରକାରୀ ଜମି ଦଖଲକାରୀଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ।



ନିରବଦ୍ରଷ୍ଟା ସାଜିଛନ୍ତି ଅଧିକାରୀ

ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ତିର୍ତ୍ତୋଲ ତହସିଲ ଅଧୀନ ତୁଳଙ୍ଗ ପଂଚାୟତର ନରସିଂହପୁର ଗ୍ରାମରେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସେହି ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ବସନ୍ତ ପରିଡା ସେହି ଗ୍ରାମରେ ଥିବା ଆରଡ଼ି ରୋଡ଼ କଡ଼ ସରକାରୀ ଜମିକୁ ଜବରଦଖଲ କରି ବିଭିନ୍ନ ଚାଷ କରୁଛନ୍ତି। ସେହି ବାଟଦେଇ ଶହ ଶହ ଏକର ଜମିରୁ ଜଳ ନିଷ୍କାସନ ହେବାସହ ଏକର ଏକର ଚାଷଜମିକୁ ଜଳ ଯୋଗାଣ ସହ ନିଷ୍କାସନ ହୋଇଥାଏ। କିନ୍ତୁ ବସନ୍ତ ଜଳ ନିଷ୍କାସନ ସରକାରୀ ଜମିକୁ ଜବରଦଖଲ କରି ଥିବାରୁ ଜଳ ନିଷ୍କାସନ ସଠିକ ଭାବେ ହୋଇପାରୁନାହିଁ। ଯାହା ଫଳରେ ଶହ ଶହ ଏକର ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଯାହାର ସମାଧାନ ପାଇଁ ଥରେ ନୁହେଁ ବାରମ୍ବାର ତିର୍ତ୍ତୋଲ ତହସିଲଦାରଙ୍କୁ ଭେଟି ଜବରଦଖଲ ଉଚ୍ଛେଦ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏହାରି ଭିତରେ ଅନେକ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ସମାଧାନ ପାଇଁ ସ୍ଥାନୀୟ ତହସିଲଦାର କୌଣସି ପଦକ୍ଷେପ ନନେଇ ନିରବଦ୍ରଷ୍ଟା ପାଲଟିଥିବା ବେଳେ ପୂର୍ବତନ ସରକାରୀ ଅଧିକାରୀଙ୍କ କଥାରେ ଦୁଇଥର ମାପଚୁପ କରାଗଲାଣି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାରୀ ଅଧିକାରୀଙ୍କ ପାଇଁ କଣ ଗୋଟିଏ ନିୟମ ଆଉ ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ? ଯଦି ଆସନ୍ତା ସମୟରେ ଏହାର ସମାଧାନ ନହୁଏ ତେବେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।


ସ୍କୁଲରେ ପାଠ ପଢ଼ାଉଥିବାବେଳେ ଶିକ୍ଷକଙ୍କ ଅକାଳ ମୃତ୍ୟୁ

ଫୁଲବାଣୀ,୫।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରୀ ପଂଚାୟତର ଗଞ୍ଜୁ ଗାଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁଙ୍କ ବାଲଦାପଡା ମେଡିକାଲରେ ମୃତ୍ୟୁ ହୋଇଥିବା ଜଣା ପଡିଛି। ସୂଚନା ପ୍ରକାରର ଶିକ୍ଷକ କୃଷ୍ଣଚନ୍ଦ୍ର ଛାତ୍ର ଛାତ୍ରୀଙ୍କୁ ପାର୍ଥନା କରାଇ ପ୍ୟାରେଡ କରାଇବା ପରେ ଶ୍ରେଣୀ ଗୃହକୁ ଆସି ପିଲାଙ୍କୁ ପଢାଉଥିବା ବେଳେ ଅଚାନକ ଅସୁସୁ ହୋଇପଡ଼ିଥିଲେ। ସେ ତେତା ଶୂନ୍ୟ ହୋଇପଡ଼ିଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଖବର ପାଇ ଗ୍ରାମବାସୀ ଅଟୋ ଯୋଗେ ସଙ୍ଗେ ସଂଗେ ବାଲାଦାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଉକ୍ତ ସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ। ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଛି।

ଲ୍ୟାମ୍ପରେ ତାଲା ପକାଇଲେ ଉତ୍ତ୍ୟକ୍ତ ଚାଷୀ

ନୀଳଗିରି,୫।୨ (ସଂଚାର ବ୍ୟୁରୋ): ମାଟିଆଳି ବୃହଦାଗାର ସେବା ସମବାୟ ସମିତିରେଧାନ କିଣାରେ କଛପ ଗତି ଓ ଟୋକନ ପ୍ରଦାନରେ ବିଳମ୍ବ ଓ ଶାଖା ପରିଚାଳକ ଙ୍କ ମେରୀ ରାଏ ନୀତିନେଇଲ୍ୟାମ୍ପରେ ତାଲା ପକାଇଥିଲେ ଶତାଧିକ ଉତ୍ତ୍ୟକ୍ତ ଚାଷୀ।

ଦୀର୍ଘ ୫ଘଣ୍ଟାଧାରଣା ପରେ ଘଟଣା ସ୍ଥଳରେ ଅଧିକାରୀ ମାନେ ପଂହଁଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ କରିଥିଲେଚାଷୀ।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ମାଟିଆଳି ବୃହଦାଗାର ସେବା ସମବାୟ ସମିତି ଅଧିନ ବରହମପୁର ଲ୍ୟାମ୍ପରେ ଚଳିତ ବର୍ଷ ଖରିଫ ଋତୁ ରେ ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ ସହିତ ମିଳିଥିବା କିଛି ଟୋକନ ଧାନ କିଣିବା ରେ ବିଳମ୍ବ ଜୋଗୁଁ ବ୍ୟାଜାପ୍ତି ହୋଇଗଲାଣି। ଏଥି ସହିତ ଧାନ କିଣାରେ କଛପ ଗତିକୁ ବିରୋଧ କରି ଆଜି ବରହମପୁର ଚାଷୀ ନେତା ଓ ପୂର୍ବତନ ଡାଇରେକ୍ଟର ଅକ୍ଷୟ କୁମାର ବେହେରା ଙ୍କ ନେତୃତ୍ୱରେ ରବୀନ୍ଦ୍ର କୁମାର ସାହୁ, ଜୟନ୍ତ ପୁଟି, ଦିଲ୍ଲୀପ କୁମାର ବେହେରା, ଅଶୋକ କୁମାର ବେହେରା, ସଂଜୀବ ଚୌଧୁରୀ, ସମେତ ଶତାଧିକ ଚାଷୀ ପୂର୍ବାହ୍ନ ୧୦ ଘଟିକା ସମୟରେ ସମବାୟ ସମିତି (ପିପିସି) କାର୍ଯ୍ୟାଳୟ ରେ ତାଲା ପକାଇ ପରିଚାଳନା ନିର୍ଦ୍ଦେଶକ ସୁବଳ କିଶୋର ବେହେରା,ଶାଖା ପରିଚାଳକ ଯତିନ୍ଦ୍ର ରାଉତଓ ଅନ୍ୟ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଛାଡ଼ି ନଥିଲେ। ତେବେ କିଛି ଘଣ୍ଟା ଧରି କଥା କଟାକଟି ହେବା ସହିତ ପ୍ରିୟା ପ୍ରତି ପୋଷଣ ନେଇ ପ୍ରଶ୍ନ ଉଠାଇଥିଲେ ଚାଷୀ। ଛୋଟ ଲ୍ୟାମ ମାନଙ୍କରେ ଅଧିକ ଗାଡି ଆସି ଧାନ ନେଉଥିବା ବେଳେ ବରହମପୁର ଲ୍ୟାମ୍ପକୁ କମ ଗାଡି ଆସୁଛି ଏବଂ କଳା ବେପାରୀଙ୍କ ଠାରୁ ଗଲା ବାଟ ଦେଇ ସିଧା ସଳଖ ମିଲର ମାନେ ବେପାରୀଙ୍କ ଠାରୁ ଲ୍ୟାମ୍ପ ଅଧିକାରୀ ଧାନ କିଣୁଥିବାର ଆନ୍ଦୋଳନ କାରୀ ଚାଷୀମାନେ ମହା ଅଭିଯୋଗ ଆଣି ଧାରଣାରେ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ବସିଥିଲେ।



ଖବର ପାଇ ନୀଳଗିରି ଯୋଗାଣ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡା, ଏସସିଏସଓ ବିଦ୍ୟୁତଲତା ନାୟକ, ଏଆରସିଏସ ବିଷ୍ଣୁ ମୋହନ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କ ସହିତ ଆଲୋଚନା କରି



ଭିନ୍ନ ଭୂମିକାରେ ଦେବରକୋଣ୍ଡା



ବିଜୟ ଦେବରକୋଣ୍ଡାଙ୍କୁ ଆଜି ଭାରତୀୟ ସିନେମାର ସବୁଠାରୁ ପ୍ରତିଭାଶାଳୀ ପ୍ୟାନ୍-ଇଣ୍ଡିଆନ୍ ଷ୍ଟାରମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ତାଙ୍କର ଶକ୍ତିଶାଳୀ ସ୍କ୍ରିନ୍ ଉପସ୍ଥିତି ଏବଂ ସ୍ମରଣୀୟ ଅଭିନୟ ସହିତ ସେ ଏପରି ଚରିତ୍ରଗୁଡ଼ିକୁ ଚିତ୍ରଣ କରିଛନ୍ତି ଯାହା ଫିଲ୍ମ ଶେଷ ହେବା ପରେ ମଧ୍ୟ ଦର୍ଶକଙ୍କ ମନରେ ସ୍ଥାନିତ ହୋଇ ରହିଥାଏ।

ଏବେ, ବିଜୟ ପୁଣି ଥରେ ତାଙ୍କର ଦୁଇଟି ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ, "ରାଣାବଳି" ଏବଂ "ରାଉଡି ଜନାର୍ଦ୍ଦନ" ସହିତ ବଡ଼ ପରଦାରେ ଦମଦାର ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ପୁଣିଥରେ ତାଙ୍କ ଅଭିନୟ ଦକ୍ଷତା ପ୍ରଦର୍ଶନ କରି, ବିଜୟ ଏହି ଚଳଚ୍ଚିତ୍ରଗୁଡ଼ିକରେ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଅଭିନୟ କରୁଥିବାର ଦେଖାଯିବେ। "ରାଣାବଳି"ରେ ସେ ଚଳଚ୍ଚିତ୍ର ନିର୍ମାତା ରାହୁଲ ସାଂକ୍ରିତ୍ୟାୟନଙ୍କ ସହ ଏକାଠି ହୋଇଛନ୍ତି, ଯାହା ଅତୀତରେ ସଫଳ ହୋଇଛି। ଏହି ସମୟରେ, "ରାଉଡି ଜନାର୍ଦ୍ଦନ"ରେ ସେ ନିର୍ଦ୍ଦେଶକ ରବି କିରଣ କୋଲାଙ୍କ ସହ ମିଶିଛନ୍ତି, ଯାହା ତାଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ କାହାଣୀ ସ୍ଥାନକୁ ନେଇଯାଏ।

ଦୁଇଟି ବାସ୍ତବ ଜୀବନ ଉପରେ ଆଧାରିତ ଦୁଇଟି ଚଳଚ୍ଚିତ୍ର ସତ୍ୟ କାହାଣୀ ଉପରେ ଆଧାରିତ ହୋଇଛି। ବିଜୟ ଦେବରକୋଣ୍ଡା ଦୁଇଟି ବାସ୍ତବ ଜୀବନୀର ସତ୍ୟାସତ୍ୟକୁ ନେଇ ନିଚ୍ଛକ ଅଭିନୟ କରିବେ।

ଏହି ଦୁଇ ଚଳଚ୍ଚିତ୍ର କମ୍ ଜଣା ତେରୁ ସମସ୍ତେ ଏହି ଫିଲ୍ମର ସତ୍ୟତା ଜାଣିବା ପାଇଁ ନିଶ୍ଚିତ ଅପେକ୍ଷା କରିବେ। ପ୍ରତ୍ୟେକ ଚରିତ୍ର ବ୍ୟକ୍ତିତ୍ୱ, ଗଭୀରତା ଏବଂ ଭାବପ୍ରବଣତାରେ ପରିପୂର୍ଣ୍ଣ ହୋଇ ରହିଛି। ଭିନ୍ନ ଶୈଳୀରେ ଦେଖିବାକୁ ପାଇବେ ଗୀତା ଗୋବିନ୍ଦମ୍ ଏବଂ ଡିଅର୍ କମ୍ରେଡ୍ ପରେ ରାଣାବଳୀ ଫିଲ୍ମରେ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମଣ୍ଡାନାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ମିଳିବ।


ଟି-ସିରିଜ୍ ଦ୍ୱାରା ଉପସ୍ଥାପିତ ଅଜୟ ଏବଂ ଅତୁଲଙ୍କ ଶକ୍ତିଶାଳୀ ସଙ୍ଗୀତ ସହିତ ରାଣା ବାଲି ସ୍କେଲ୍, ତୀବ୍ରତା ଏବଂ ମହାନତାର ପ୍ରତିଶ୍ରୁତି ଦେଇଛନ୍ତି।


ଏହି ସମୟରେ, ରାଉଡି ଜନାର୍ଦ୍ଦନ ଫିଲ୍ମରେ, ବିଜୟ ଦେବରକୋଣ୍ଡା ଏକ ସମ୍ପୂର୍ଣ୍ଣ ଭିନ୍ନ ଦୁନିଆ ଏବଂ ଶୈଳୀରେ ପାଦ ଦେବାର ଦେଖିବାକୁ ମିଳିବ। ରବି କିରଣ କୋଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପୁଣିଥରେ ବିଜୟଙ୍କ ଅନନ୍ୟ କାହାଣୀ ସହିତ ତାଙ୍କର ବହୁମୁଖୀ ଦକ୍ଷତା ପ୍ରମାଣିତ କରୁଛି।



ନିର୍ବାକ୍ ସିନେମା ପ୍ରତି ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି

'ଟଙ୍କା କଥା କହେ'- ଏ କଥାଟି ଏକ ଆପ୍ତବାକ୍ୟ ହୋଇସାରିଛି। ଆଉ ମହାତ୍ମା ଗାନ୍ଧୀଙ୍କ ଚିତ୍ରର ଉପସ୍ଥିତି ଯୋଗୁଁ 'ଟଙ୍କା' ଓ 'ଗାନ୍ଧୀ' ସମାନାର୍ଥବୋଧକ। ତେଣୁ 'ଗାନ୍ଧୀ କଥା କହେ' ('ଗାନ୍ଧୀ ଟକ୍ସ'ର ଓଡ଼ିଆ ଅର୍ଥ) ଶୀର୍ଷକ ସହ, ସେ ଚିରଦିନ ପାଇଁ ନିରବ ହୋଇଯାଇଥିବା ଦିବସରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଏକ ନିର୍ବାକ୍ ଚଳଚ୍ଚିତ୍ର ହେବା ଏକ ବିଡ଼ମ୍ବିତ କିନ୍ତୁ ଶକ୍ତିଶାଳୀ ବାର୍ତ୍ତା ବହନ କରେ। 'ଗାନ୍ଧୀ'(ବା ଟଙ୍କା) ହାସଲ କରିବା ଦୌଡ଼ରେ ଆମେ ସମସ୍ତେ ଗାନ୍ଧୀ ନୀତିରୁ କିପରି ଦୂରେଇ ଯାଉଛନ୍ତି ତାହା ଏହି କାହାଣୀରେ ଖୁବ୍ ପ୍ରଭାବଶାଳୀ ଢଙ୍ଗରେ ପ୍ରଦର୍ଶିତ ହୋଇଛି। ମୁମ୍ବାଇରେ ମାଆ ସହିତ ରହୁଥିବା ବେରୋଜଗାର ମହାଦେବ(ବିଜୟ ସେତୁପତି) ନିଜର ପ୍ରେମିକା(ଆଦିତି ରାଓ ହୈଦରୀ)କୁ ପାଇବାକୁ ହେଲେ ଚାକିରିଟିଏ ଖୋଜିବାକୁ ପଡ଼ିବ। କିନ୍ତୁ ଚାକିରି ପାଇଁ ସରକାରୀ ଅଧିକାରୀ '୫୦,୦୦୦ ଗାନ୍ଧୀ' ଦାବି କରୁଛି। ସେ ଦେଖୁଛି ଜଣେ ପକେଟମାର (ସିଦ୍ଧାର୍ଥ ଯାଦବ) କିପରି ଚୋରି କରି ଆରାମରେ ଜୀବନ କାଟୁଛି। ଏହି ପ୍ରକ୍ରିୟାରେ ମହାଦେବର ନୈତିକତା ଧୀରେଧୀରେ ଉଭେଇଯାଉଛି ଏବଂ ସେ ଲାଞ୍ଚ ଯୋଗାଡ଼ କରିବାକୁ ଚୋରି କରିବାର ଯୋଜନା କରୁଛି। ଯାହା ଘରୁ ସେ ଚୋରି କରିବାକୁ ଚାହୁଁଛି ସେ ହେଉଛି ଜଣେ ବଡ଼ ବ୍ୟବସାୟୀ ବସ୍‌ମ୍ୟାନ୍(ଅରବିନ୍ଦ ସ୍ୱାମୀ)। ବିଳାସପୂର୍ଣ୍ଣ ଜୀବନ କାଟୁଥିବା ବସ୍‌ମ୍ୟାନ୍ ବିମାନ ଦୁର୍ଘଟଣାରେ ନିଜ ପତ୍ନୀ ଓ ଝିଅଙ୍କୁ ହରାଇବା ପରେ ତା' ମାଆ ମଧ୍ୟ ଆରପାରିକୁ ଚାଲିଯାଉଛନ୍ତି। ଜଣେ ମନ୍ତ୍ରୀଙ୍କ ଚକ୍ରାନ୍ତ ଯୋଗୁଁ ତା' ବ୍ୟବସାୟ ମଧ୍ୟ ହାତରୁ ଚାଲିଯାଉଛି। ଏବେ ସେ ସର୍ବସ୍ୱ ହରାଇବା ପୂର୍ବରୁ ଶେଷ କୌଶଳ ଆପଣାଇ ପରିସ୍ଥିତିରୁ ମୁକୁଳିବାକୁ ଉଦ୍ୟମ କରୁଛି। ଏହି ସମୟରେ ମହାଦେବ ଓ ଚୋର ତା' ଘରେ ପ୍ରବେଶ କରୁଛନ୍ତି। କେତେବେଳେ ମଜାଳିଆ ତ କେତେବେଳେ କରୁଣ ଦୃଶ୍ୟ ସହିତ କାହାଣୀଟି ଅଗ୍ରସର ହୋଇଛି। କାହାଣୀର ଗତିଶୀଳତା ଓ ଚିତ୍ରନାଟ୍ୟକୁ ନେଇ କିଛିଟା ଅଭିଯୋଗ କରାଯାଇପାରେ କିନ୍ତୁ ମନୋରଂଜନ ସହିତ ନୈତିକତାକୁ ନେଇ ସତ୍ୟନିଷ୍ଠ ବାର୍ତ୍ତାର ଏଭଳି ମିଳନ ବିରଳ।





'ଅଲ୍ ଗ୍ରେ ଲୁକ୍'ରେ ଅନୀଲ

ଏଭରଗ୍ରୀନ୍ ଅଭିନେତାଅନିଲ କପୁର। ତାଙ୍କ ଫିଟନେସ ପାଇଁ ସେ ଇଣ୍ଡଷ୍ଟ୍ରିର ସବୁଠାରୁ ଚର୍ଚ୍ଚିତ ଅଭିନେତାମାନଙ୍କ ମଧ୍ୟରୁ ଜଣେ ବୋଲି ଧରାଯାଏ। କିନ୍ତୁ ତାଙ୍କର ସ୍ୱାଗ୍ ଏବଂ ଡ୍ୟାସିଂ ଷ୍ଟାଇଲ୍ ଏବେ ବି ଦବଦବା ରହିଛି। ୬୯ ବର୍ଷ ବୟସରେ ମଧ୍ୟ, ତାଙ୍କ ଫିଟନେସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଏ ବୟସରେ ମଧ୍ୟ, ଲାଗେ ଯେପରି ତାଙ୍କ ବୟସ ବଢ଼ିବା ପରିବର୍ତ୍ତେ କମୁଛି। ସେ ତାଙ୍କର ଦମଦାର ବ୍ୟକ୍ତିତ୍ୱ ପାଇଁ ସବୁବେଳେ ଖବରରେ ଥାଆନ୍ତି।ବର୍ତ୍ତମାନ ଅନିଲଙ୍କ ନୂଆ ଲୁକ୍ ସାମ୍ନାକୁ ଆସିଛି। ଯାହା ପ୍ରଶଂସକମାନଙ୍କୁ ଖୁବ୍ ଆଟ୍ରାକ୍ଟ କରୁଛି । ଏହି ନୂଆ ଲୁଜକୁ ନେଇ ଖୁବ୍ ପ୍ରଶଂସା କରୁଛନ୍ତି। ନିକଟରେ ଅନିଲ ଏକ ଫଟୋ ସେୟାର କରିଛନ୍ତି । କେବଳ ପ୍ରଶଂସକମାନେ ନୁହେଁ, ଅନେକ ସେଲିବ୍ରିଟି ମଧ୍ୟ ଅନିଲଙ୍କ ବର୍ତ୍ତମାନର ପୋଷ୍ଟକୁ ପସନ୍ଦ କରିବା ସହ ଲୁଜକୁ ନେଇ ବେଶ ପ୍ରଶଂସା କରୁଛନ୍ତି। ସେ ପୁଣି ଥରେ ପ୍ରମାଣ କରିଦେଇଛନ୍ତି ଯେ ବୟସ କେବଳ ଏକ ସଂଖ୍ୟା। ଧଳା ଟୁଟି ଏବଂ ମ୍ୟାଚିଂ ନିଶ ସହିତ ତାଙ୍କର ଷ୍ଟାଇଲିସ୍ ଲୁକ୍ ଖୁବ୍ ଜବରଦସ୍ତ ଲାଗୁଛି।

୬ ବର୍ଷ ପରେ ବଲିଉଡ୍‌କୁ କମବ୍ୟାକ କରୁଛନ୍ତି ଦେଶୀ ଗର୍ଲ

ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା । ୬ ବର୍ଷର ଅପେକ୍ଷା ପରେ ଭାରତୀୟ ସିନେମାକୁ କମବ୍ୟାକ୍ କରିବାକୁ ଯାଉଛନ୍ତି। ପ୍ରଶଂସକମାନେ ଏସଏସ ରାଜାମୌଲିଙ୍କ ପରବର୍ତ୍ତୀ ପ୍ରମୁଖ ଚଳଚ୍ଚିତ୍ର 'ବାରାଣସୀ' ସହ କମବ୍ୟାକ କରିବେ। ଯାହାକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ତେଲୁଗୁ ସୁପରଷ୍ଟାର ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନଙ୍କ ସହ ନଜର ଆସିବେ । ଏହା ସହ ଆଗାମୀ ଫିଲ୍ମ "ଡନ୍" ଏବଂ "କ୍ରିସ" ଫ୍ରାଞ୍ଚାଇଜ ଆସିବାକୁ ଥିବା ବେଳେ ପ୍ରିୟଙ୍କା ଏହି ଫିଲ୍ମରେ ଅଭିନୟ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି । 'ବାରାଣସୀ'ର ପ୍ରମୋସନ ସମୟରେ ଏକ ସାକ୍ଷାତକାରରେ, ସେ ତାଙ୍କ କ୍ୟାରିଅରର ଏହି ନୂତନ ଅଧ୍ୟାୟ ପାଇଁ ପ୍ରସ୍ତୁତି ବିଷୟରେ କହିଛନ୍ତି ପ୍ରିୟଙ୍କା ଚୋପ୍ରା। ଏହି ସମୟରେ ସେ 'ଡନ୍ ୩' ଏବଂ 'କ୍ରିଶ୍ ୪'ରେ ଅଭିନୟ ଚର୍ଚ୍ଚା ନେଇ ପ୍ରତିକ୍ରିୟା ଦେଇଛନ୍ତି । ସାକ୍ଷାତକାରରେ, ପ୍ରିୟଙ୍କା ଚୋପ୍ରା ତାଙ୍କର ପୂର୍ବ ଫ୍ରାଞ୍ଚାଇଜ, "କ୍ରିସ ୪" ଏବଂ "ଡନ୍ ୩" ସମେତ ଅନ୍ୟ ବଲିଉଡ୍ ଫିଲ୍ମ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ଏହି ଖବର ତାଙ୍କ ଭାରତୀୟ ପ୍ରଶଂସକମାନଙ୍କ ପାଇଁ ଭଲ ଖବର ହୋଇପାରେ, କିନ୍ତୁ ଅଭିନେତ୍ରୀ ଅଧିକ କିଛି ପ୍ରକାଶ ନକରି ନିଜର ଗୁପ୍ତ କଥା ରଖିଥିଲେ, ତଥାପି ଏହା ଏବେ ବି ଆକର୍ଷଣୀୟ। ପ୍ରିୟଙ୍କାଙ୍କୁ ଦୁଇଟି ଭିନ୍ନ ଚଳଚ୍ଚିତ୍ର ଶିଳ୍ପରେ କାମ କରିବାର ଚ୍ୟାଲେଞ୍ଜ ବିଷୟରେ ପଚରାଯାଇଥିଲା । ସେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଫେରିବା ବିଷୟରେ ତାଙ୍କର ଉତ୍ସାହ ପ୍ରକାଶ କରିଥିଲେ । ଦେଶୀ ଗର୍ଲ କହିଛନ୍ତି, "ହଁ, ମୁଁ ବହୁତ ଖୁସି ଏବଂ... ପ୍ରାୟ ୬ ବର୍ଷ ପରେ ଭାରତରେ ଫେରି ଏଠାରେ କାମ କରି ବହୁତ ଭଲ ଲାଗୁଛି । ଏଠାକାର ସଂସ୍କୃତି ମୋ ଜୀବନର ପ୍ରିୟ ଅଂଶ ଏବଂ ଆପଣ ଜାଣନ୍ତି, ମୁଁ ଏହି ଚଳଚ୍ଚିତ୍ର ଭାରତରେ ନିର୍ମାଣ କରୁଛି କାରଣ ଯଦି ଭାରତୀୟ ସିନେମାକୁ ଫେରିବାର ଅନ୍ୟ କୌଣସି ଉପାୟ ଥାଆନ୍ତା, ତେବେ ଏହା ହିଁ ହୋଇଥାନ୍ତା ।" ସାକ୍ଷାତକାରରେ, ତାଙ୍କୁ କ୍ରିସ ଏବଂ ଡନ୍ ଫ୍ରାଞ୍ଚାଇଜ୍ କୁ ଫେରିବା ଗୁଜବ ବିଷୟରେ ପଚରାଯାଇଥିଲା । ସେ ପ୍ରଯୋଜନା ବିବରଣୀ ନିଶ୍ଚିତ ନକରି ଉଭୟ ଫିଲ୍ମ ସହିତ ତାଙ୍କର ସମ୍ପର୍କକୁ ସ୍ୱୀକାର କରିଥିଲେ ।



'ଧୁରନ୍ଧର-୨'ରେ ନଜର ଆସିବେ ସଲମାନ

'ଧୁରନ୍ଧର' ବକ୍ସ ଅଫିସରେ କମାଲ କରିଥିବା ଏହି ବଲିଉଡ ଫିଲ୍ମର ସ୍ୱକ୍ୱେଲ-୨କୁ ଅପେକ୍ଷା କରିଛନ୍ତି ଦର୍ଶକେ । ପ୍ରଥମ ଭାଗରେ ଅକ୍ଷୟ ଖାନ୍ନାଙ୍କ ଏଣ୍ଟ୍ରି ସାଙ୍ଗକୁ ଅନ୍ୟ କଳାକାରଙ୍କ ବଳିଷ୍ଠ ଅଭିନୟ ଦର୍ଶକଙ୍କ ମନ ଜିଣିଛି । ଏହାର ଦ୍ୱିତୀୟ ଭାଗ ମାର୍ଚ୍ଚ ୧୯, ୨୦୨୬ ମସିହାରେ ରିଲିଜ୍ ହେବାକୁ ପୂର୍ବରୁ ତାରିଖ ଧାର୍ଯ୍ୟ ରହିଛି । ବେଶ ଚର୍ଚ୍ଚାରେ ରହିଥିବା ଏହି ଫିଲ୍ମରେ ବଲିଉଡର ଭାଇଜାନ ସଲମାନ ଖାନ ନଜର ଆସିବେ ବୋଲି କୁହାଯାଉଛି । ସୋସିଆଲ ମିଡିଆରେ ଏକ ଫଟୋ ଏବେ ବେଶ ଭାଇରାଲ ହେଉଛି । ସଲମାନ ଖାନ ଛିଡ଼ା ହୋଇଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ସୁଟିଂ ସେଟରେ ଛିଡ଼ା ହେଉଥିବା ଦାବି କରାଯାଉଛି । କୁହାଯାଉଛି କି, ସୁଟିଂରେ ରହିଛନ୍ତି ଏହି ସୁପରଷ୍ଟାର । ତାଙ୍କ ସହ ଅର୍ଜୁନ ରାମପଲ ମଧ୍ୟ ଛିଡ଼ା ହୋଇଛନ୍ତି । ଯେଉଁ କାରଣରୁ ଦାବି କରାଯାଉଛି କି, ସଲମାନ ଏହି ଫିଲ୍ମରେ ନଜର ଆସିବେ । ଆଦିତ୍ୟ ଧର ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟ ଦେବଗନ ଏବଂ ସଲମାନ ନଜର ଆସିବେ ବୋଲି ପୂର୍ବରୁ ଚର୍ଚ୍ଚା ହୋଇଛି । ଫିଲ୍ମରେ ସସଷ୍ପେନ୍ସରେ ରହିଥିବା ବଡେ ସାହବ ଭୂମିକାରେ ସଲମାନ ନଜର ଆସିବେ ବୋଲି ସୋସିଆଲ ମିଡିଆରେ ଦାବି କରାଯାଉଛି। ମାତ୍ର ଏନେଇ ପ୍ରଯୋଜନା ସଂସ୍ଥା କିମ୍ବା ସଲମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ଫଟୋଟି କିନ୍ତୁ ଏବେ ଭାଇରାଲ ହେଉଥିବାବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସେପଟେ କେହି କେହି କହୁଛନ୍ତି କି, କେବଳ ବିଭ୍ରାନ୍ତ କରିବା ପାଇଁ ଏଆଇ ଫଟୋ କରି ଭାଇରାଲ କରାଯାଉଛି । ସେପଟେ କିଛି ୟୁଜର୍ସ ସୋସିଆଲ ମିଡିଆରେ କମେଣ୍ଟରେ କହିଛନ୍ତି କି, ସଲମାନ ଖାନ କେବେ ମଧ୍ୟ ନେଗେଟିଭ୍ ଭୂମିକାରେ ନଜର ଆସିବେ ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ମିଛ । କେବଳ ଭାଇରାଲ କରାଯାଉଛି ।



ମତ୍ସ୍ୟ ଓ ପ୍ରାଣୀସମ୍ପଦ ଓ କୃଷି ଯନ୍ତ୍ରପାତି ମେଳା

ବଲାଙ୍ଗୀର,୫।୨ (ସଂଚାର ବ୍ୟୁରୋ): ସ୍ଥାନୀୟ କୋଶଳ କଳା ମଞ୍ଚଳ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟନ ହୋଇଯାଇଛି। ଜିଲ୍ଲାପାଳ ଗୌରଙ୍ଗ ଶିୱାଜୀ ଇସଲୱାରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ, ଏହି ମେଳାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ଓଡିଶା ଜନକ ବର୍ଦ୍ଧନ ସିଂଦେଓ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ମୁଖ୍ୟ ଯନ୍ତ୍ରୀ, ସମ୍ବଲପୁର ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଜିଲ୍ଲାପାଳ ନିଜର ବକ୍ତବ୍ୟରେ କହିଥିଲେ ଆମର ପାରମ୍ପରିକ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବନ ଜୀବିକା ଓ ବିତ୍ତୀୟ ଅଭିବୃଦ୍ଧି ହୋଇପାରୁଛି। ଜୈବିକ



ଚାଷ ପ୍ରଣାଳୀ ଦ୍ୱାରା ବିଭିନ୍ନ ଚାଷ କରି ଚାଷୀ ମାନେ ଅଧିକ ପରିମାଣରେ ଲାଭ ପାଇପାରିବେ, ସେଥିପାଇଁ ଜିଲ୍ଲାପ୍ରଶାସନ ଚେଷ୍ଟା କରୁଛି। ଏହି ମେଳା ମାଧ୍ୟମରେ ଚାଷୀ ମାନଙ୍କୁ ନୂତନ ଚାଷ ପଦ୍ଧତି ଏବଂ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଅବଗତ କରାଯାଉଛି। ଆଗାମୀଦିନରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଯନ୍ତ୍ରପାତି ବ୍ୟବହାର କରି ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡିକରେ ଜନସାଧାରଣ କିପରି ଅଧିକ ଲାଭବାନ ହୋଇପାରିବେ, ସେଥିନିମନ୍ତେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ମେଳାଗୁଡ଼ିକର ବ୍ୟବସ୍ଥା କରାଯାଇ ଚାଷୀଙ୍କୁ ଜଡିତ କରାଯାଉଅଛି। ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ରାଜ୍ୟସ୍ତରରେ ପାରମ୍ପରିକ ଚାଷ କାମରେ ବ୍ୟବହୃତ ପୁରାତନ ଯନ୍ତ୍ରପାତି ସଂଗ୍ରହ କରି ଆଗାମୀ ଦିନରେ ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ନିର୍ମାଣ କରାଯିବ। ଯାହା ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯିବ ଯେ ସମୟ ସହ ପରିବର୍ତ୍ତନ ହେବାକୁ ପଡ଼ିବ ଏବଂ ପୁରୁଣା ପଦ୍ଧତି ନ ଭୁଲି ଆଗକୁ ବଢିବାର ଅଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ପ୍ରସାଦ ସିଂ ବରିହା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ କୁମାର କହର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ର ଚାଷୀ, ପ୍ରାଣୀ ଚିକିତ୍ସା ବିଭାଗ ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ଘରେ କଳାକନା ବୁଲାଇଲେ ଚୋର



କୋକସରା,୫।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଆମପାଣି ଥାନା ଆମପାଣି ଗ୍ରାମର ବ୍ୟବସାୟୀ ସନ୍ତୋଷ କୁମାର ସାହୁ ତାଙ୍କ ପରିବାର ଲୋକଙ୍କ ସହିତ ବୁଧବାର ଘରେ ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ଭାଙ୍ଗି କଳାକନା ବୁଲାଇଛନ୍ତି। ମାଲିକ ପରିବାର ରାତି ପ୍ରାୟ ୧୧ଟା ସମୟରେ ଘରକୁ ଫେରି କବାଟ ଖୋଲିବା ପରେ ଘର ଭିତରପଟୁ ବନ୍ଦଥିଲା। ଏହାପରେ ସେମାନେ ଚୋରି ହୋଇଥିବା ସନ୍ଦେହ କରି ପାଖ ପଡୋଶୀ ଲୋକଙ୍କୁ ଡାକି କବାଟ ଭାଙ୍ଗି ଘରକୁ ପିଶିଥିଲେ। ପରେ ଘରେ ଚୋରି ହୋଇଥିବା ଜାଣି ଆମ ପାଣି ପୋଲିସକୁ ସୂଚନା ଦେଇଥିଲେ। ଦୁର୍ବୃତ୍ତମାନେ ଘର ପଛପଟୁ ଲୁହା କବାଟ ଭାଙ୍ଗି ଘରେ ଥିବା ଆଲମୀରା ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କା ଓ ୧୦ ଭରି ସୁନାଗହଣା ସହ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଘର ମାଲିକ ସନ୍ତୋଷ ସାହୁ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ତାଙ୍କ ଟିମ ସହିତ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରାଯାଇଥିଲା। ସାଇଣ୍ଟିଫିକ ଟିମ ବିଭିନ୍ନ ନମୁନା ସଂଗ୍ରହ କରିଥିବାବେଳେ ସନ୍ଧାନୀ କୁକୁର ଚୋରି ହୋଇଥିବା ଘର ନିକଟରୁ ଜାତୀୟ ରାଜପଥ ଆମପାଣି ମୁଖ୍ୟରାସ୍ତା ଦେଇ ବିଜୁ ଏକ୍ସପ୍ରେସୱେ ହୋଇ ପୁଣି ଘର ପର୍ଯ୍ୟନ୍ତ ଫେରିଥିଲା। ହେଲେ ଚୋରି ସମ୍ପର୍କରେ କୌଣସି ସ୍ପଷ୍ଟ ଜଣାପଡିନାହିଁ। ଆମପାଣି ହେଉଛି କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ଶେଷ ସୀମାନ୍ତରେ ଅବସ୍ଥିତ । ଆମପାଣି ଗ୍ରାମରେ ଦୀର୍ଘ ବର୍ଷ ପରେ ଏତେ ବଡ଼ ଧରଣର ଚୋରି ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି।

ନୂତନ କରି ପ୍ରବେଶ କଲା ନ୍ୟୁଟନ ଇଭି



କଳିଙ୍ଗନଗର,୫।୨ (ସଂଚାର ବ୍ୟୁରୋ): କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ରାବଣା ଛକରେ ନୂତନ କରି ପାଦ ଥାପିଲା ନ୍ୟୁଟନ ଇଭି ନାମକ ସ୍ଟୁଟର, ଏହି ଇ -ବାଇକ ଟି ମା ତାରିଣୀ ମୋଟର୍ସ ନାମକ ଶୋରୁମ ରେ ଆଜି ଲୋକାର୍ପଣ ହୋଇଛି। ପ୍ରଦୂଷଣ ମୁକ୍ତ, ପେଟ୍ରୋଲ ଖର୍ଚ୍ଚରୁ ଗ୍ରାହକ ମାନେ ଏପରି ଇ ସ୍କୁଟି ବାଇକ କୁ ପସନ୍ଦ କରୁଥିବା ବେଳେ ମଧବିତ୍ତ ଓ ଜଣେ ସାଧାରଣ ବର୍ଗର ଗ୍ରାହକ ସହଜ ଓ ସୁବିଧାରେ ଏହା କ୍ରୟ କରି ପାରିବେ ବୋଲି ସନ୍ତୋଷ କୁମାର ସାମଲ କହିଛନ୍ତି। ସବୁବର୍ଗ ଲୋକଙ୍କୁ ସୁହାଇଲା ଭଳି ବଜେଟ ଫ୍ରେଣ୍ଡ ସ୍ଟୁଟର ହୋଇଥିବା ବେଳେ କଳିଙ୍ଗନଗର ଅଞ୍ଚଳରେ ୩୦ କିଲୋମିଟର ମଧ୍ୟରେ ଯେଉଁଠି ଗାଡିଟିର କିଛି ସମସ୍ୟା ହେଲେ ତୁରନ୍ତ ତାର ସମାଧାନ କରିବା ପାଇଁ ତାରିଣୀ ମୋଟର୍ସ ତତ୍ପର ଥିବା, ଗ୍ରାହକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବୁ ବୋଲି ଶ୍ରୀ ସାମଲ କହିଛନ୍ତି।

ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

କୋରେଇ,୫।୨(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀରେ ଥିବା ବଡ଼ବିରୁଆଁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳନ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରାଧାପକ ରବୀନ୍ଦ୍ର କୁମାର ବିଶ୍ୱାଳ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନା ଉତ୍ସବରେ



ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ପ୍ରମୋଦ କୁମାଇ ସାହୁ'ଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡଃ ଅଭୟ କୁମାର ପତି, ବିଇଓ ସୁଦର୍ଶନ ମଲ୍ଲିକ, ପୂର୍ବତନ ବିଡିଓ ହେମନ୍ତ କୁମାର ବିହାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ହିମାଂଶୁ ଦେବଗୁରୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ମରଣିକା 'ସାଉଁଟା ସ୍ମୃତି' ଉନ୍ମୋଚିତ ହୋଇଥିଲା।

ଅନେକ ପ୍ରତିଭାଙ୍କ ମଧ୍ୟରେ ନେମ ଆଣ୍ଡ ଫେମ୍ ସ୍କୁଲର ପ୍ରତିଷ୍ଠାତା ଶ୍ରୀ ବନୋଜ ଜେନା'ଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉର୍ତରିୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

'ମା' ପାଟଣେଶ୍ୱରୀ' ସ୍ମରଣିକା ଉନ୍ମୋଚିତ

ପାଟଣେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,୫।୨(ସଂଚାର ବ୍ୟୁରୋ): ଗତ ୧ ତାରିଖରୁ ଚାରି ଦିନ ବ୍ୟାପି ଅନୁଷ୍ଠିତ ପାଟଣେଶ୍ୱରୀ ମହୋତ୍ସବ—୨୦୨୬ ବୁଧବାର ସାରଗର୍ଭିତ କାର୍ଯ୍ୟକ୍ରମ ସହିତ ଉଦଯାପିତ ହୋଇଯାଇଛି। ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଓ ପାଟଣେଶ୍ୱରୀ କଳା ପରିଷଦ, ବଲାଙ୍ଗିର ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କ ମନ୍ଦିର ବଲାଙ୍ଗିରରେ ପ୍ରତିଷ୍ଠା ହୋଇଥିବାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହୋଇଥିଲା। ବୁଧବାର ଆୟୋଜିତ ଉଦ୍ୟାପନୀ ସମାରୋହ ଆୟୋଜକ କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ମହାରାଜ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ



ନାରାୟଣ ସିଂହଦେଓ, ପୌରାଧକ୍ଷା ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସୁରକ୍ଷା କମିଟିର କୋଷାଧକ୍ଷ ଭବାନୀ ଶଙ୍କର ଭୋଇ ମଞ୍ଚାସୀନ ଥିଲେ। କମିଟିର ସଂପାଦକ ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଜୁନ ସାହୁ ସଭା ପରିଚାଳନା କରିଥିଲେ। ସଭାପତି ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ ପ୍ରଥମେ ମା' ପାଟଣେଶ୍ୱରୀଙ୍କ ଦର୍ଶନ କରି ତିନି ଦିନ ବ୍ୟାପି ଚାଲିଥିବା ଯଜ୍ଞରେ ଆହୁତି ପ୍ରଦାନ କରି ପୂର୍ଣ୍ଣାହୁତି ସମ୍ପନ୍ନ କରିଥିଲେ। ନୂତନ ନିର୍ମିତ ଯଜ୍ଞମଣ୍ଡପକୁ ସର୍ବସାଧାରଣ ବ୍ୟବହାର ପାଇଁ ଉଦ୍‌ଘାଟନ କରାଯାଇଥିଲା। ପରେ ସେ ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ସ୍ୱର୍ଗତ ପୃଥ୍ୱୀରାଜ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମାରୋହରେ ଅତିଥିମାନେ ମହୋତ୍ସବ ସ୍ମରଣିକା 'ମା' ପାଟଣେଶ୍ୱରୀ' ଓ ଡ. ସୀମାରାଣୀ ରଥଙ୍କ ରଚିତ ଗବେଷଣା ପୁସ୍ତକ 'ଜ୍ଞାନୋଦୟ – ଦ ଡନ୍ ଅଫ ତାନ୍ତ୍ରିକ ଡ୍ରିଜଡମ୍ ଫ୍ରମ ଓଡିଶା' ଉନ୍ମୋଚନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଓ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହୁଡୁ ହୁଡୁ ହୋଇ ଜଳିଗଲା କାର

ମାଲକାନଗିରି,୫।୨(ସଂଚାର ବ୍ୟୁରୋ): ହୁଡୁ ହୁଡୁ ହୋଇ ଜଳିଗଲା କାର । ମାଲକାନଗିରିରେ ଏକ ହୋଟେଲ ସମ୍ମୁଖରେ ଥିବା କାରରେ ରାତି ଅଧରେ ହଠାତ ନିଆଁ ଲାଗିଯାଇଥିଲା । ଚାହୁଁ ଚାହୁଁ ଗାଡ଼ିଟି ପୋଡ଼ି ପାଉଁଶ ହୋଇଯାଇଥିଲା । ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ କାରରେ କିପରି ନିଆଁ ଲାଗିଲା କାରଣ ଅସ୍ପଷ୍ଟ ରହିଛି । ଅଘଟଣ ଘଟିଥିବା ସ୍ଥାନଠାରୁ ମାତ୍ର ଅଧ କିଲୋମିଟର ଦୂରରେ ମହୋତ୍ସବ ଚାଲିଥିଲା । ତେଣୁ ଯାତାୟାତ ବନ୍ଦ ରହିଥିଲା । ଫଳରେ ଏକ ବଡ଼ ଅଘଟଣ ଟଳି ଯାଇଥିଲା ।

ଉଦ୍‌ଘାଟିତ ହେଲା ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ



ଲାଞ୍ଜିଗଡ଼,୫।୨(ସଂଚାର ବ୍ୟୁରୋ): ଦୀର୍ଘ ଦିନର ଦାବି ଓ ଅଞ୍ଚଳବାସୀଙ୍କ ପ୍ରତୀକ୍ଷା ଆଜି ଶେଷ ହୋଇଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ବିଶ୍ୱନାଥପୁରଠାରେ ନୂତନ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଆଜି ରାଜ୍ୟର ୫୭ ଗୋଟି ନୂତନ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ ପ୍ରମୁଖ ଭିଡିଓ କନଫରେନସିଂ ଜରିଆରେ ଏସବୁର ଲୋକାର୍ପଣ କରିଛନ୍ତି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ବିଶ୍ୱନାଥପୁର ପରିସରରେ ଏହା ଲୋକାର୍ପିତ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ବ୍ଲକର ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକର ୨୬ଗୋଟି ପଞ୍ଚାୟତର କେନ୍ଦ୍ରସ୍ଥଳରେ ଥିବାବେଳେ ଦୀର୍ଘ ଚାରିଦଶନ୍ଧିରୁ ଅଧିକ ସମୟ ହେଲା ଏଠାରେ ବ୍ଲକ, ତହସିଲ ସମେତ ଅନେକ ସରକାରୀ କାର୍ଯ୍ୟାଳୟ ସ୍ଥାପିତ ହୋଇଛି। ସେହିପରି ବ୍ଲକର ସମସ୍ତ ଅଞ୍ଚଳରୁ ବିଶ୍ୱନାଥପୁରକୁ ସମ ଦୂରତା ଓ ସମସ୍ତ ପ୍ରକାର ଯୋଗାଯୋଗ ସୁବିଧା ରହିଥିବାରୁ ଏଠାରେ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ଅଞ୍ଚଳର ବିକାଶ ଦିଗରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି।

ପ୍ରତିଟି ଛାତ୍ରଛାତ୍ରୀ ସେବା ମନୋଭାବାପନ୍ନ ହେଲେ ଆମଦେଶ ବିକଶିତ ରାଷ୍ଟ୍ରରେ ପରିଣତ ହେବ



ବୈଶିଙ୍ଗା,୫।୨(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଇକମା ଗ୍ରାମର ବରିଷ୍ଠ ଶିକ୍ଷାବିତ୍, ସମାଜସେବୀ ତଥା ଅବସରପ୍ରାପ୍ତ ସମବାୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତି ଆସନ ଅଳଙ୍କୃତ କରିଥିବା ସମୟରେ ମୁଖ୍ୟ ଅତିଥିଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ସ୍ତମ୍ଭକାର ଶ୍ରୀ ଉପେନ୍ଦ୍ର ବିଶ୍ୱାଳ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ବୈଜ୍ଞାନିକ(ପ୍ରଧାନମନ୍ତ୍ରୀ ଆବାସ, ଚାଣକ୍ୟ ପୁରୀ, ନୂଆଦିଲ୍ଲୀ), ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାରିପଦାର ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ସ୍ମୃତିଲିପି ସାହୁ, ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲାର କଲ୍ୟାଣ ଶିକ୍ଷକ ସଙ୍ଘର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶରତଚନ୍ଦ୍ର ବାରିକ ତଥା ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଯୋଗ ଦେଇଥିଲେ।

ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ



କୋଲକାତା,୫।୨(ସଂଚାର ବ୍ୟୁରୋ): ମଧ କୋଲକାତାର ସର୍ବପୁରାତନ ଅନୁଷ୍ଠାନ ଓଡ଼ିଶା ପ୍ରଗତି ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧୋତ୍ସବ ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସଂଘର ସଭାପତି ସୀମାଞ୍ଚଳ ପ୍ରତିହାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିବେଶବିତ୍ କୃତିବାସ ମହାପାତ୍ର, କୃପାସିନ୍ଧୁ ସାହୁ, ହେମନ୍ତ କୁମାର ପ୍ରଧାନ, ଯୋଗେନ୍ଦ୍ର ନାଥ ଦାସ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।

ଦୁର୍ଘଟଣାରେ ଆରୋହୀ ମୃତ ଓ ଜଣେ ଗୁରୁତର

ବାସୁଦେବପୁର,୫।୨(ସଂଚାର ବ୍ୟୁରୋ): ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ ଓ ଜଣେ ଗୁରୁତର। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ମନ୍ଦାରୀ ପଡୁଆ ରାସ୍ତାର କୁମାରପୁର ଛକ ନିକଟରେ ଦୁର୍ଘଟଣା ଘଟିଛି। ଗୁରୁତରଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରାକ୍ଟର ଧକ୍କାରେ ବିଶ୍ୱଜିତ ମଳିକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଲିପୁ ମଳିକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇଁ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି କ୍ଷତି ପୂରଣ ଦାବି କରି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ଖବର ପାଇଁ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି।

ବିସ୍ଥାପିତଙ୍କ ଥଇଥାନ ଦୁଃଖ: ବଢୁଛି ଅସନ୍ତୋଷ

ମୋହନା,୫।୨(ସଂଚାର ବ୍ୟୁରୋ): ଛେଳିଗଡ଼ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହୋଇଥିବା ବିସ୍ଥାପିତଙ୍କ ଆଜି ଯାଏ ଥଇଥାନ ହୋଇପାରି ନାହିଁ। ୩ ଦଶନ୍ଧି ଧରି ଚାଲିଛି ବିସ୍ଥାପନ ପ୍ରକ୍ରିୟା। ଚାଷ ଓ ଚା